

ହାଇଟେକ୍ ହସ୍ପିଟାଲ ପରିସରରେ ମୃତ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଓ ସମ୍ପର୍କୀୟମାନେ ଧାରଣାରେ ବସିଛନ୍ତି।



ଡିସେମ୍ବର ୨୯ରେ ହସ୍ପିଟାଲ ଛାତରେ ହୋଇଥିବା ବିସ୍ଫୋରଣ ସମୟର ଦୃଶ୍ୟ।

# ତ୍ରୁଟିରୁ ଉଜୁଡ଼ିଗଲା ସଂସାର

**ଭୁବନେଶ୍ୱର/ଜଟଣୀ,୫।୧(ସତ୍ୟଜିତ୍ ରାଉତ/ରବୀନ୍ଦ୍ରନାଥ ମହାକୁଡ଼)**

**ହାଇଟେକ୍ ହସ୍ପିଟାଲରେ ମୃତଦେହ ଚିହ୍ନଟକୁ ନେଇ ହୋଇଥିବା ତ୍ରୁଟିରୁ ଦୁଇ ପରିବାର ଉଜୁଡ଼ି ଯାଇଛି। ଗୋଟେପଟେ ଦିଲୀପ ବଞ୍ଚିଥିବାବେଳେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଇ ଅନ୍ୟଜଣଙ୍କ ମୃତଦେହ ଦିଆଗଲା। ସେପଟେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ଜାଣିବା ପରେ ଦୁଃଖରେ ଭାଙ୍ଗି ପଡ଼ି ସ୍ତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା କରିବା ଘଟଣା ଏବେ ସବୁଆଡ଼େ ଆଲୋଡ଼ନ ସୃଷ୍ଟି କରିଛି। ଯଦି ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ପୋଲିସ ସେତେବେଳେ ମୃତଦେହକୁ ଠିକ୍‌ଭାବେ ଚିହ୍ନଟ କରିଥାନ୍ତେ, ତେବେ ସୌମ୍ୟାଶ୍ରୀ ଆତ୍ମହତ୍ୟା କରି ନ ଥାନ୍ତେ ବୋଲି କୁହାଯାଉଛି। ପୁଅ ଏବେ ବଞ୍ଚିଥିବାବେଳେ ବୋହୂଙ୍କ ପାଇଁ କାନ୍ଦୁଛନ୍ତି ଶାଶୁ।**

## ଶୁଦ୍ଧିକ୍ରିୟା ପାଇଁ ନିମନ୍ତ୍ରଣ ପତ୍ର

ଦିଲୀପ ଏବଂ ସ୍ତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ତେଣୁ ସ୍ୱାମୀ ଓ ସ୍ତ୍ରୀଙ୍କ ଶୁଦ୍ଧିକ୍ରିୟା ଏକାସାଥିରେ କରିବାକୁ ସେମାନେ ମନସ୍ଥ କରିଥିଲେ। ଏଥିପାଇଁ ପରିବାରବର୍ଗ ଆୟୋଜନ କରିବାକୁ ଥିବା ଶୁଦ୍ଧିକ୍ରିୟା ପାଇଁ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ମାତ୍ର ଏବେ ଦିଲୀପ ଜୀବିତ ଖବର ଜଣାପଡ଼ିବା ପରେ ସମସ୍ତେ ଚକିତ ହୋଇଯାଇଛନ୍ତି। ଉକ୍ତ ନିମନ୍ତ୍ରଣ ପତ୍ର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।



୰ ଗଙ୍ଗା

ମହାଶୟା/ମହାଶୟ

ମୋର ପୁତ୍ର ୰ ଦିଲ୍ଲୀପ କୁମାର ସାମନ୍ତରାୟ (ମାଉଁ) ଏବଂ ପୁତ୍ରବଧୂ ୰ ସୋନା ସାମନ୍ତରାୟ ତା୩୦/୧୨/୨୦୨୩ରିଖ ଶନିବାର ଦିନ ଆମମାନଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ।

ଏଣୁ ବିନୀତ ଅନୁରୋଧ, ଆପଣ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତାଙ୍କ ଅନ୍ତେଷ୍ଟିକ୍ରିୟା କାର୍ଯ୍ୟରେ ଯୋଗଦାନ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିବା ହେବେ।

॥ ଇତି ॥

ହତଭାଗିନୀ ମା'
ଅହଲ୍ୟା ସାମନ୍ତରାୟ ଓ ପରିବାର ବର୍ଗ

-: କାର୍ଯ୍ୟସୂଚୀ :-
ତା ୦୮.୦୧.୨୦୨୪ ରିଖ (ସୋମବାର) : ଦଶାହକର୍ମ
ତା ୦୯.୦୧.୨୦୨୪ ରିଖ (ମଙ୍ଗଳବାର) : ଏକାଦଶାହ କର୍ମ
ପ୍ରସାଦସେବନ ସନ୍ଧ୍ୟା ୬ ଘଟିକା

ସ୍ଥାନ :- ଦଣ୍ଡଙ୍ଗ, ହରିରାଜପୁର
ମୋ : ୯୭୭୮୪୪୮୦୯, ୭୯୭୮୧୪୫୯୭, ୬୩୭୨୮୧୪୪୭୭



## ଗାଁ ଦାଣ୍ଡରେ ଛାତିପିଟି କାନ୍ଦୁଥିଲେ ଦିଲୀପଙ୍କ ମା'

ଦିଲୀପଙ୍କ ପୈତୃକ ଗାଁରେ ଶୁକ୍ରବାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ମା' ଅହଲ୍ୟା ସାମନ୍ତରାୟ ଗାଁ ଦାଣ୍ଡରେ ଛାତିପିଟି କାନ୍ଦୁଥିଲେ। ଏପରିକି ପୁଅ ପାଇଁ ପ୍ରତି ମୁହୂର୍ତ୍ତରେ ସେ ଠାକୁରଙ୍କୁ ଡାକୁଥିଲେ। ସେ କହିଛନ୍ତି, ହାଇଟେକ୍ ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ଭୁଲରେ ଦୁଇ ପରିବାରର ବହୁ କ୍ଷତି ହୋଇଛି। ଏଥିପାଇଁ ସେ ମେଡିକାଲ, ପୋଲିସ ପ୍ରଶାସନକୁ ଦାୟୀ କରିବା ସହ ସେମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।



## ଜ୍ୟୋତିଙ୍କ ସ୍ତ୍ରୀଙ୍କ ଆଖିରୁ ଶୁଖୁ ନାହିଁ ଲୁହ

ବିସ୍ଫୋରଣ ଘଟଣାରେ ପ୍ରଥମ ମୃତ୍ୟୁବରଣ କରିଥିବା ଯୁବକ ଦିଲ୍ଲୀପ ସାମନ୍ତରାୟ ନୁହନ୍ତି ବରଂ ଜ୍ୟୋତିରଞ୍ଜନ ମଲ୍ଲିକ ବୋଲି ଗୁରୁବାର ରାତିରେ ଜଣାପଡ଼ିବା ପରଠାରୁ ହସ୍ପିଟାଲ ପରିସରରେ ଜ୍ୟୋତିଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ଗହଳି ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳେ ଜ୍ୟୋତିଙ୍କ ସ୍ତ୍ରୀ ଅର୍ପିତା ମଲ୍ଲିକ ହସ୍ପିଟାଲରେ ପହଞ୍ଚିଥିଲେ। କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ହସ୍ପିଟାଲ ପରିସର। ସ୍ୱାମୀଙ୍କୁ ଝୁରି କାନ୍ଦୁଥିବା ଅର୍ପିତାଙ୍କୁ ଦେଖିବା ସମ୍ଭବ ପର ନ ଥିଲା। ଅର୍ପିତା ସେଠାରେ ଏଭଳି କାନ୍ଦୁଥିଲେ ଯେ, ତାଙ୍କୁ ସମ୍ଭାଳିବା ସମ୍ପର୍କୀୟଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ସେ କହୁଥିଲେ, ମୋ ଧନକୁ ମୁଁ ଚିହ୍ନି ପାରି ନ ଥିଲି। ଚିକିତ୍ସିତ ହେଉଥିବା ଦିଲ୍ଲୀପଙ୍କୁ ସେମାନେ ଜ୍ୟୋତିରଞ୍ଜନ ବୋଲି କହିବାରୁ ଆମର ବିଶ୍ୱାସ ହୋଇଯାଇଥିଲା ବୋଲି ଅର୍ପିତା କହିଥିଲେ।



## ଧାରଣାରେ ବସିଲେ ଏସି ଟେକ୍‌ନିସିଆନ୍ ସଂଘ

ଶୁକ୍ରବାର ଅପରାହ୍ନରେ ଏସି ଟେକ୍‌ନିସିଆନ୍ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ନ୍ୟାୟ ମାଗିଥିଲେ। ସେମାନେ କାଜୁଆଲ୍‌ଟି ୱାର୍ଡ ପରିସରରେ ଧାରଣା ଦେଇ ନାରାବାଜି ଦେଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ, ପୋଲିସ ଅଧିକାରୀଙ୍କ ନାଁରେ ନାରାବାଜି ଦେଇ ଏଭଳି ଅଘଟଣ ପାଇଁ ନ୍ୟାୟ ମାଗିଥିଲେ। ହସ୍ପିଟାଲ ପକ୍ଷରୁ ସୁରକ୍ଷାରେ ତ୍ରୁଟି ରହିବାରୁ ଏଭଳି ଘଟଣା ଘଟିଲା ବୋଲି ସଭାପତି ଅମିୟ ଧଳ କହିଥିଲେ। ସନ୍ଧ୍ୟାରେ ହସ୍ପିଟାଲ ସିଇଓ ସ୍ମିତା ପାଢ଼ୀ ସେମାନଙ୍କ ସହ ଆଲୋଚନା କରିବା ପରେ ସେମାନେ ଆନ୍ଦୋଳନରୁ ଓହରିଥିବା ସୂଚନା ମିଳିଛି।



## ହସ୍ପିଟାଲ ଭିତରକୁ ପଶିବାକୁ ନେଇ ଧସ୍ତାଧସ୍ତି

ଦିଲ୍ଲୀପ ସାମନ୍ତରାୟ ଜୀବିତ ଥିବାନେଇ ଖବର ପ୍ରସାରଣ ହେବା ପରେ ଶୁକ୍ରବାର ସକାଳୁ ହାଇଟେକ୍ ହସ୍ପିଟାଲ୍ ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଗହଳି ଦେଖିବାକୁ ମିଳିଥିଲା। ଖବର ପ୍ରସାରଣ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ହସ୍ପିଟାଲ୍‌ର ମୁଖ୍ୟ ଗେଟ ଅତିକ୍ରମ କରି ଭିତରକୁ ଯିବାବେଳେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ ଓ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକ ଏବଂ ଜ୍ୟୋତିଙ୍କ ପରିବାର ଓ ସମ୍ପର୍କୀୟମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ସପକ୍ଷରେ ବାହାରି ଭିତରକୁ ଯିବା ପାଇଁ ସହଯୋଗ କରିଥିଲେ।

# ବର୍ଷକରେ ୨୫ଶହ କୋଟିର ଠକେଇ, ୬୧ ଗିରଫ

**ଭୁବନେଶ୍ୱର,୫।୧ (ସୂର୍ଯ୍ୟକାନ୍ତ ବେହେରା)**

୨୦୨୩ରେ ରାଜ୍ୟରେ ବଡ଼ ବଡ଼ ଠକେଇ ହୋଇଥିବାବେଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବହୁ ଘଟଣାର ପର୍ଦ୍ଦାଫାଶ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍‌ଲାଇନ୍ ଚିଟ୍‌ଫଣ୍ଡ, କ୍ରିପ୍ଟୋ ପୋଞ୍ଜି ସ୍କାମ୍ ଆଦି ସାଇବର ଠକେଇ, ବ୍ୟାଙ୍କ ଠକେଇ, ଚାକିରି ଠକେଇ, ଜମି ଠକେଇ ଭଳି ବିଭିନ୍ନ ଘଟଣାକୁ ନେଇ ୨୮ ମାମଲା ରୁଜୁ କରିଛି ଇଓଡବ୍ଲ୍ୟୁ। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ମୋଟ ୬୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପ୍ରାୟ ୨୫୦୦ କୋଟି ଠକେଇ ମାମଲାରେ ସଂପୃକ୍ତ ଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଓଡିଶା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ନାଟକ,

### କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ପଦକ୍ଷେପ

ତାମିଲନାଡୁ, ତେଲଙ୍ଗାନା, ଦିଲ୍ଲୀ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର। ସେହିଭଳି ୯ଜଣଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୪ଜଣ ଚାଇନା ଓ ଜଣେ ହଙ୍ଗେରୀ ନାଗରିକ ରହିଛନ୍ତି। ଅପରପକ୍ଷେ ୪ଟି କେସ୍‌ରେ ଶୁଣାଣି ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହା ବର୍ଷକରେ ସର୍ବାଧିକ ବୋଲି ଇଓଡବ୍ଲ୍ୟୁ କହିଛି। ସେହିପରି ଠକେଇ ଟଙ୍କାର ମାତ୍ର ୧୫ କୋଟି ଜବତ କରାଯାଇଛି। ୩ଟି କେସ୍‌ରେ ୧୨ କୋଟିର ସଂପତ୍ତି ଆଟାଚ କରିବାକୁ ଓପିଆଇଡି କୋର୍ଟ ଅନୁମୋଦନ ଦେଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# ୩ ନିଯୋଗ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ

**ପୁରୁଣା ଭୁବନେଶ୍ୱର,୫।୧(ସୁବାସ ଚନ୍ଦ୍ର ପ୍ରଧାନ)**

### ଶ୍ରଦ୍ଧାଳୁଙ୍କଠାରୁ ଅର୍ଥ ଆଦାୟ ପ୍ରସଙ୍ଗ

ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଆଡ଼କାଠ ନିକଟରେ ଶ୍ରଦ୍ଧାଳୁଙ୍କଠାରୁ ଜୋରଜବରଦସ୍ତ ଅର୍ଥ ଆଦାୟ ପ୍ରସଙ୍ଗରେ ୩ ନିଯୋଗ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଇଂରାଜୀ ନବବର୍ଷ ୨୦୨୪ରେ ଆନନ୍ଦ ବାଜପେୟୀ ନାମକ ଜଣେ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଆସିଥିଲେ। ଆଡ଼କାଠ ନିକଟରେ ନିର୍ଦ୍ଦିଷ୍ଟ କେତେଜଣ ପାଳିଆ ସେବାୟତ ସେଠାରେ ଥିବା ଟେବୁଲ ଉପରେ ରଖିଥିବା ଥାଳିରେ ଟଙ୍କା ପକାଇବା ପାଇଁ କହିଥିଲେ। ଯାହାକି ଠାକୁରଙ୍କ ପାଇଁ ଦାନ ମାଗୁଥିଲେ। ଆନନ୍ଦ ବିରୋଧ କରିବାରୁ ତାଙ୍କୁ ସେମାନେ ଦୁର୍ବ୍ୟବହାର କରିଥିଲେ। ଏନେଇ ଆନନ୍ଦ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଅଭିଯୋଗର ସତ୍ୟାସତ୍ୟ ଏବଂ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ପତ୍ର ମନ୍ଦିର ପ୍ରଶାସନକୁ ପଠାଯାଇଥିଲା। ଏନେଇ



ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ପୂଜାପଣ୍ଡା, ବ୍ରାହ୍ମଣ ଏବଂ ବଡୁ ନିଯୋଗ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏନେଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ଆମର କୌଣସି ସେବାୟତ ଥାଳି ଧରି ଦାନ ମାଗନ୍ତି ନାହିଁ। ଶ୍ରଦ୍ଧାଳୁ ଦେଉଥିବା ଅର୍ଥ ମନ୍ଦିର ପ୍ରଶାସନ ତହବିଲକୁ ନ ଆସି ସମ୍ପୃକ୍ତ ସେବାୟତ ଗୋଷ୍ଠୀ ଚଳୁ କରିଥିବା ସେ କହିଛନ୍ତି। ଏ ନେଇ ପୂଜପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜପଣ୍ଡା କହିଛନ୍ତି, ୧୦ବର୍ଷ ପୂର୍ବରୁ ଏହି ଘଟଣାକୁ ବିରୋଧ କରୁଥିଲେ ମଧ୍ୟ ମନ୍ଦିର ପ୍ରଶାସନ ନ ଶୁଣିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଆମର କୌଣସି ସେବାୟତ ଏଥିରେ ସାମିଲ ନାହାନ୍ତି। ସେଠାରେ ଏକ ହୁଣ୍ଡି ବସାଯାଉ। ଯାହାଦ୍ୱାରା ଖୋଲାହସ୍ତରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ସିଧାସଳଖ ଠାକୁରଙ୍କ ପାଣ୍ଠିକୁ ଯିବ।

# ମୃଦୁଳା ଗର୍ଗ ପାଇବେ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'

## ୭ରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ'

**ଭୁବନେଶ୍ୱର,୫।୧(ଶର୍ମିଷ୍ଠା ପାଣିଗ୍ରାହୀ)**

କାଦମ୍ବିନୀ ସାହିତ୍ୟ ଏକାଡେମୀ ପକ୍ଷରୁ ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ' ଆସନ୍ତା ୭ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ବିଶିଷ୍ଟ ଲେଖିକା ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ–୨୦୨୪' ପ୍ରଦାନ କରାଯିବ। ସେହିଭଳି ବିଶିଷ୍ଟ କଥାକାର ତଥା ବରିଷ୍ଠ ପ୍ରଶାସକ ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ', 'ସୁଲେଖା'ର ସମ୍ପାଦକ ସଦାଶିବ ମିଶ୍ର ଏବଂ 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ତୁଳସୀ ଓଝା, ସୁକାମିନୀ ନନ୍ଦ ଓ ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା' ଦିଆଯିବ। ବିଶିଷ୍ଟ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିବେ। ଏହି ଅବସରରେ ପ୍ରଜ୍ଞା ପାରମିତା ରଥ, ମିୟୋଗ ରଞ୍ଜନ ପାତ୍ର, ବେଦପ୍ରକାଶ ନାୟକ, ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ ଓ ଆଶିଷ କୁମାର ମିଶ୍ରଙ୍କୁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯିବ। ସେହିଭଳି ହେବାକୁ ଥିବା ଶିଶୁ ସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା ଏବଂ ବାବା ରାମନାରାୟଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ 'କୁନିକଥା ପ୍ରିୟଲେଖକ ସମ୍ମାନ' ଓ 'କୁନିକଥା କୁନିପ୍ରତିଭା ପୁରସ୍କାର' ପ୍ରଦାନ କରାଯିବ। 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଡ. ଇତି ସାମନ୍ତ ଏ ନେଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନବମ, ଦଶମ ଶ୍ରେଣୀର ବହୁ ଛାତ୍ରୀଛାତ୍ର ଆସୁନାହାନ୍ତି ସ୍କୁଲ

**ଅନୁଧ୍ୟାନ କରି ପ୍ରତିକାର ପାଇଁ ଉପଜିଲାପାଳଙ୍କୁ ସ୍ମାରକପତ୍ର**

କଳାପଥର,୫।୧(ଗଙ୍ଗାଧର ସାହୁ)

ସଂପ୍ରତି ରାଜ୍ୟରେ ନବମ ଓ ଦଶମ ଶ୍ରେଣୀର ବହୁ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଶେଷପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସୁନାହାନ୍ତି। ଏହାର ଉପଯୁକ୍ତ ଅନୁଧ୍ୟାନ କରାଯାଉନାହିଁ। ଏନେଇ ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର-ଧଳାପଥର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଓ କେତେଜଣ ଶିକ୍ଷାବିତ୍‌ଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପକ୍ଷରୁ ତାଲିକା କରାଯାଇ ନ ଆସୁଥିବା ଛାତ୍ର ଓ ତାଙ୍କ ଅଭିଭାବକଙ୍କୁ ଭେଟିବା ପରେ ମଧ୍ୟ କୌଣସ ସୁଫଳ ମିଳିଲାନାହିଁ ବୋଲି କଳାପଥର-ଧଳାପଥର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କହିଥିଲେ। ଏନେଇ ଆଲୋଚନା ପରେ କେଉଁଥିପାଇଁ ପିଲାମାନେ ସ୍କୁଲ ଆସୁନାହାନ୍ତି ଓ ତା'ର ସମାଧାନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅନ୍ୱେଷଣ' ପକ୍ଷରୁ ନିବେଦନ କରାଯାଇଛି। ଉକ୍ତ ସମସ୍ୟାର ସମାଧାନ ଲାଗି ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।

### ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ଘାଟିକିଆ ବିଜୟୀ

ବୋଲଗଡ଼,୫।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଶୁକ୍ରବାର କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମା' ଯୋଗମାୟା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡ଼ା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଶିକ୍ଷକ ସୁରେଶ ଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବାଲୁଗାଁର ଏସ୍‌ଏନ୍‌ୱାଇସି ଚନ୍ଦ୍ରପୁଟ ଓ ବଜରଙ୍ଗୀ ସ୍ପୋର୍ଟ୍ସକ୍ଲବ ଘାଟିକିଆ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ଘାଟିକିଆ ବିଜୟୀ ହୋଇଛି। ଏମ୍.ଏସ୍. ବେଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ଚୌଧୁରୀ ଏବଂ ରବିନାରାୟଣ ଦୋରା ଲାଇନ୍ସରେ ସହାୟତା କରିଥିଲେ। ଶନିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଟାଙ୍ଗୀର ରଘୁନାଥ କ୍ଲବ ଓ କେରଙ୍ଗର ଅହମ୍ମଦିଆ ସ୍ପୋର୍ଟିଂ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଶ୍ରୀବସ୍ତଙ୍କ ଲକରରୁ ବିପୁଳ ସୁନାଅଳଙ୍କାର ଜବତ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)


ଲକରରୁ ସୁନାଗହଣା ଜବତ କରାଯାଉଛି।

- ବାଜ୍ୟାପ୍ତ ହୋଇପାରେ ସମ୍ପତ୍ତି
- ଫେରାର ସ୍ତ୍ରୀଙ୍କୁ ଖୋଜୁଛି ପୋଲିସ

ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ଗିରଫ ହୋଇଥିବା ଜେମାଦେଈପୁର ବରୁଣେଇ ନଗରର ବ୍ରାଉନ୍‌ସୁଗାର ବେପାରୀ ଶ୍ରୀବସ୍ତ ପରମ୍‌ଗୁରୁ(୪୭)ଙ୍କୁ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଗୁରୁବାର ଏସ୍‌ଡିଜେଏମ୍ କୋର୍ଟଙ୍କ ଅନୁମତିକ୍ରମେ ୨ଦିନିଆ ରିମାଣ୍ଡରେ ଆଣିଛି। ଶୁକ୍ରବାର ଗୋଡ଼ିପୋଖରୀ ସ୍ଥିତ କାନାରା ବ୍ୟାଙ୍କରେ ଥିବା ଶ୍ରୀବସ୍ତଙ୍କ ଲକରରୁ ବହୁ ସୁନାଗହଣା, ଲକ୍ଷାଧିକ ଟଙ୍କା ପୋଲିସ ଜବତ କରିଛି। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂଙ୍କ ସମେତ ଅନ୍ୟ ଅଧିକାରୀ, ଗୋଟିଏ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

ଏ ସମ୍ପର୍କରେ ଏସ୍‌ଡିପିଓ ଦାସ କହିଛନ୍ତି, ଶ୍ରୀବସ୍ତ ଜଣେ ବ୍ରାଉନ୍‌ସୁଗାର ବେପାରୀ। ପୂର୍ବରୁ ବ୍ରାଉନ୍‌ସୁଗାର କାରବାର ନେଇ ୪ଥର ଜେଲ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଅନିତା ମଧ୍ୟ ଥରେ ଗିରଫ ହୋଇ ଜେଲ ଯାଇଥିଲେ। ଶ୍ରୀବସ୍ତ ବେଆଇନ ଭାବେ ବନ୍ଧୁକ ରଖିଥିବା ଖବରପାଇ ଶିଳ୍ପାଞ୍ଚଳ ପୋଲିସ ତାଙ୍କ ଘରେ ଜାନୁଆରୀ ପହିଲାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କଠାରୁ ୩୨ହଜାର ୬ଶହ ଟଙ୍କା, ଏକ ମାଗାଜିନ୍ ଓ ୨ଟି ଗୁଳି ଜବତ ହୋଇଥିଲା। ଏହି ସମୟରେ ଶ୍ରୀବସ୍ତଙ୍କ ସ୍ତ୍ରୀ ଅନିତା କୌଶଳକ୍ରମେ ବନ୍ଧୁକ ଓ ଗୁଳି ନେଇ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଆର୍ମ୍ସ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଶ୍ରୀବସ୍ତଙ୍କ ନାମରେ ଆଦର୍ଶ ଥାନାର ୩ଟି ଏନ୍‌ଡିପିଏସ୍ ମାମଲା( ନଂ.୪୪୪/୨୦, ୬୭/୧୮, ୪୭/୧୮) ଏବଂ ବେଗୁନିଆରେ ଗୋଟିଏ ମାମଲା (ନଂ.୧୧୩/୧୯) ରହିଥିବା ବେଳେ ଅନିତାଙ୍କ ନାମରେ ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା(ନଂ.୪୮/୨୦୧୮)ରୁଜୁ ହୋଇଛି। ତେବେ ଅନିତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଜବତ ସୁନାଗହଣା ମୂଲ୍ୟ କେତେ ହେବ, ତାହାର ଯାଞ୍ଚ ଚାଲିଛି। ସେ ବେଆଇନଭାବେ ବରୁଣେଇ ନଗରରେ ଘର ନିର୍ମାଣ କରୁଥିବା ଜଣାପଡ଼ିଛି। ଶନିବାର ମଧ୍ୟ ଚଢ଼ାଉ କରାଯିବ। ନିଶା କାରବାରରେ ବେଆଇନ ଭାବେ ଟଙ୍କା ଏବଂ ସମ୍ପତ୍ତି ଗଚ୍ଛିତ ରଖିଥିବା ପ୍ରମାଣିତ ହେଲେ, ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ଏସ୍‌ଡିପିଓ ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ ରିମାଣ୍ଡରେ ନେଇ ତାଙ୍କୁ ଘନ ଘନ ଜେରା କରିଛି। ଏହି ବନ୍ଧୁକ କେବେଠାରୁ ରଖିଥିଲେ, କାହାଠାରୁ ଆଣିଥିଲେ, ତାଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ପୋଲିସ ତାହାର ଖୋଳତାଡ଼ ଚଳାଇଛି।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ବୋଲଗଡ଼,୫।୧(ଦେବବ୍ରତ ହୋତା)

କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମର ପଦଯାତ୍ରା ହୋଇଯାଇଛି। ଫିରିଫିରା, ଗୋଡ଼ଭଙ୍ଗା, ନାଉପଡ଼ା, ମାଳିସାହି ଓ କଳାଙ୍ଗ ଗ୍ରାମର ସମସ୍ତ ଘର ବୁଲି ଦେଶ ତଥା ରାଜ୍ୟର ପ୍ରଗତି ପାଇଁ କଂଗ୍ରେସ ହିଁ ବିକଳ୍ପ ବୋଲି ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ କଂଗ୍ରେସରେ ସାମିଲ ହୋଇ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସିର ସୋସିଆଲ ମିଡିଆ ସଂଯୋଜକ ସୁଶାନ୍ତ ମହାରଣା, ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୀବ କୁମାର ସୁବୁଦ୍ଧି, ଜୟକୃଷ୍ଣ ପ୍ରହରାଜ, ଯୁବ କଂଗ୍ରେସ ସଭାପତି ଗଣେଶ୍ୱର ସୁବୁଦ୍ଧି, ଯୁବନେତା ସୀମାଞ୍ଚଳ ଖଣ୍ଡାଇ, କଳାଙ୍ଗ ପଞ୍ଚାୟତ କଂଗ୍ରେସ ସଭାପତି ସନ୍ତୋଷ ପୃଷ୍ଟି, ପ୍ରସନ୍ନ ସାମନ୍ତରାୟ, ପରମାନନ୍ଦ ବେହେରା, କେଶବ, କାଳନ୍ଦି ବିଶ୍ୱାଳ, ହାଡ୍ଡୁବନ୍ଧୁ ସାହୁ, ଅଶୋକ ଛୋଟରାୟ, ଭାରତୀ ପରିଡ଼ା, ଗୋବିନ୍ଦ ସେଠୀ, ପ୍ରଭାତ ଛୁଆଳସିଂହ, ସନ୍ତୋଷ ସ୍ୱାଇଁ, ସର୍ବେଶ୍ୱର ମୁଦୁଲି, ମାୟାଧର ନାୟକ, ମୁନା ନାୟକଙ୍କ ସମେତ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ ଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ,୫।୧(ହର ପ୍ରସନ୍ନ ପଣ୍ଡା)

ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଚାଲିଥିବା ବେଗୁନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇଥିଲେ। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ତହସିଲଦାର ତାପସ ବିଶି, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଲାବଣ୍ୟ ଜୟସିଂହ, ବ୍ଲକ କାର୍ଯ୍ୟାଳୟର ଆକାଉଣ୍ଟସ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଗତ ୪ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ୧୩ରୁ ୩୫ବର୍ଷ ବୟସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗର ଖେଳାଳିଙ୍କୁ ନେଇ କବାଡି, ପୁଚି, ଦୌଡ ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ଯୁବବର୍ଗର ଖେଳାଳିଙ୍କୁ ନେଇ କ୍ରିକେଟ, ଖୋଖୋ, କବାଡି, ଭଲିବଲ ଏବଂ ଫୁଟ୍‌ବଲ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ଚୟନ କରାଯାଇଛି। ଏହି ଅବସରରେ ବିଜେତା ଏବଂ ଉପବିଜେତା ଦଳଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଜିପିଇଓ ନୀଳକଣ୍ଠ ମାନସିଂହ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା ପୌରାଞ୍ଚଳ ଡ୍ରାଇଭର ସଂଘ ପକ୍ଷରୁ ଶୁକ୍ରବାର ନୂଆ ବସ୍‌ଷ୍ଟାଣ୍ଡଠାରେ ଧାରଣା ଦିଆଯାଇଛି।

## ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ହିଟ୍ ଆଣ୍ଡ ରନ୍ ଆଇନ ପ୍ରସଙ୍ଗ**

ଖୋର୍ଦ୍ଧା/ଟାଙ୍ଗୀ,୫।୧
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

କେନ୍ଦ୍ର ସରକାରଙ୍କ ନୂଆ ହିଟ୍ ଆଣ୍ଡ ରନ୍ ଆଇନ ପ୍ରତିବାଦରେ ଓଡ଼ିଶା ଡ୍ରାଇଭର ମହାସଂଘ ରାଜରାସ୍ତାକୁ ଓହ୍ଲାଇଛି। ଶୁକ୍ରବାର ଖୋର୍ଦ୍ଧା ପୌରାଞ୍ଚଳ ଡ୍ରାଇଭର ସଂଘ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ଠାରେ ଧାରଣା ଦିଆଯାଇଥିଲା। ଉକ୍ତ ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ମାଲ୍‌ବାହୀ ଯାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ରହିଥିଲା। ଟ୍ୟାକ୍ସି, ଅଟୋ, ପିକ୍‌ଅପ୍ ଆଦି ଚଳାଚଳ ରହିଥିବା ବେଳେ ଖୋର୍ଦ୍ଧାରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଧାରଣାସ୍ଥଳରେ ପୋଲିସ ମୁତୟନ ରହିଛନ୍ତି। ଏହି ଆଇନ ପ୍ରତ୍ୟାହାର କରାଯାଉ ବୋଲି ସଂଘର ସଦସ୍ୟମାନେ ଦାବି କରିଛନ୍ତି। ସେହିପରି ୧୬ ନମ୍ବର ଜାତୀୟ ରାଜପଥ ବଡ଼ପୋଖରିଆ ନିକଟ ସୁନେଇ ରୂପେଇଠାରେ ଟାଙ୍ଗୀ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ସଂଘ ଉପସଭାପତି ସେକ୍ ସାକେନ, ସମ୍ପାଦକ ଭାସ୍କର ମହାପାତ୍ର, ଯୁଗ୍ମ ସମ୍ପାଦକ ରସାନନ୍ଦ ମୁଦୁଲି, ସହକୋଷାଧ୍ୟକ୍ଷ ଅକ୍ଷୟ ସାମନ୍ତରାୟ, ଉପଦେଷ୍ଟା ଅଜିତ ମହାନ୍ତି ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

# ୧୦ରେ ୫-ଟି ଅଧ୍ୟକ୍ଷଙ୍କ ଖୋର୍ଦ୍ଧା ଗସ୍ତ

ଗମ୍ଭାରୀମୁଣ୍ଡା,୫।୧(ଦିଲୀପ ସ୍ୱାଇଁ)


ଅଧିକାରୀମାନେ ପଲଟନ ପଡ଼ିଆ ତଦାରଖ କରୁଛନ୍ତି।

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସନ୍ତା ୧୦ ତାରିଖରେ ଖୋର୍ଦ୍ଧା ଗସ୍ତରେ ଯିବେ। ବାଣପୁରର ପଲଟନ ପଡିଆରେ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ଏଥିସହ ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବୁଲି ଦେଖିବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଡ.ବାଦଲ ମହାନ୍ତି, ବିଡିଓ ଶୀତଲ ଅଗ୍ରୱାଲ, ତହସିଲଦାର ଟି.ପଦ୍ମନାଭ ଦୋରା, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଣପୁର ଆଇଆଇସି ରମେଶ ଚନ୍ଦ୍ର ଦେବତା, ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା ପ୍ରମୁଖ ପଲଟନ ପଡିଆ ଗସ୍ତ କରି ସମସ୍ତ ବ୍ୟବସ୍ଥା ପରଖିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଓ ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକଙ୍କ ସହ ଅଧିକାରୀମାନେ ଆଲୋଚନା କରିଥିଲେ। ଏଥିସହିତ ପାଣ୍ଡିଆନ ମା' ଭଗବତୀଙ୍କ ଦର୍ଶନ କରିବେ ବୋଲି ଜଣାପଡ଼ିଛି।

# ଫାଇନାଲରେ ଡିଲାୟନ୍ସ କ୍ଲବ ରାୟପୁର

**ମା'ଖଣ୍ଡେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**

ନିରାକାରପୁର,୫।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଆରେଡି ଗ୍ରାମ ଖେଳପଡ଼ିଆରେ ଚାଲିଥିବା ମା'ଖଣ୍ଡେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଡିଲାୟନ୍ସ କ୍ଲବ ରାୟପୁର ଓ ଇଅଙ୍ଗଷ୍ଟାର ନିରାକାରପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ଇଅଙ୍ଗଷ୍ଟାର ନିରାକାରପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ଡିଲାୟନ୍ସ କ୍ଲବ ରାୟପୁର ୧୧ ଓଭରରେ ୪ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରଞ୍ଜନ ମଙ୍ଗରାଜ ଓ ଅମରେନ୍ଦ୍ର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୌରଭ କୁମାର ପଟ୍ଟନାୟକ, ଶ୍ରୀକୃଷ୍ଣ ଶ୍ରୀଚନ୍ଦନ, ପ୍ରୀତିଶ ବଳିୟାରସିଂ, ବସନ୍ତ କୁମାର ଗଜେନ୍ଦ୍ର, ବିଶ୍ୱରଞ୍ଜନ ଜେନା, ସୁକାନ୍ତ ଗଜେନ୍ଦ୍ର, ଚିତ୍ତରଞ୍ଜନ ବିଶୋଇ, ଦିଲ୍ଲୀପ ଶ୍ରୀଚନ୍ଦନ, ଅମରେନ୍ଦ୍ର ଜେନା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଫାଇନାଲ ମ୍ୟାଚ ଡିଲାୟନ୍ସ କ୍ଲବ ରାୟପୁର ଓ ଏମ୍‌କେସିସି କ୍ଲବ ମୁକୁନ୍ଦପ୍ରସାଦ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଅକ୍ଷତ କଳସ ଶୋଭାଯାତ୍ରା

ଟାଙ୍ଗୀ,୫।୧(ରଘୁନାଥ ସାହୁ)

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟାରୁ ଅସିଥିବା ଅକ୍ଷତ କଳସକୁ ଶୁକ୍ରବାର ମା'ରାମଚଣ୍ଡୀ ମନ୍ଦିର ଚାନ୍ଦପୁରରୁ ଶାଭାଯାତ୍ରାରେ ନିଆଯାଇ ଟାଙ୍ଗୀ ରଘୁନାଥଦେବ ମନ୍ଦିର ପରିସରକୁ ଅଣାଯାଇଥିଲା। ଜୟ ଶ୍ରୀରାମ ଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଘୁନାଥ ମନ୍ଦିରରେ ପହଞ୍ଚିବା ପରେ ବିଶ୍ୱ ହିନ୍ଦୁ ପରିଷଦର ସଙ୍ଗଠନ ମନ୍ତ୍ରୀ ଶରତ ପ୍ରଧାନ ରାମ ମନ୍ଦିର ନିର୍ମାଣ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟି ସଂଯୋଜକ ପ୍ରଭାକର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସାଧୁ ବୈଷ୍ଣବ ଚରଣ ଦାସ ମହାରାଜ, ଗୋପାଳ ଦାସ ମହାରାଜ, ପଦ୍ମ ଲୋଚନ ଦାସ ମହାରାଜ, ଆଦିତ୍ୟ ଦାସୀ ପାଲା ଗାୟକ ନିରଞ୍ଜନ ବାହିନୀପତି, ଅରୁଣ ବିଗ୍ରହ କର୍ମକାଣ୍ଡ ବ୍ରାହ୍ମଣ ଶୁଭ୍ରାଂଶୁ ମିଶ୍ର, ଦେବାଶିଷ ରଥ, ଧର୍ମଜାଗରଣ ପୁରୀ ବିଭାଗ ସଂଯୋଜକ ନବକୃଷ୍ଣ ମହାପାତ୍ର, ସାମ୍ବାଦିକ ରଘୁନାଥ ସାହୁ, ଖାଉଟି ଅଦାଲତ ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଜିଲା ସଂଯୋଜକ ନିରଞ୍ଜନ ସାହୁ, ସାମାଜିକ ସମରସତା ଜିଲା ସଂଯୋଜକ ଅକ୍ଷୟ ପଟ୍ଟଯୋଶୀ, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ରାମ ନାରାୟଣ ଦାଶ, ଦାଶରଥି ଶ୍ରୀଚନ୍ଦନ, ମିତ୍ରଭାନୁ ସବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଅନିଲ ଅଗ୍ରୱାଲ, ସନ୍ତୋଷ ସାମନ୍ତରାୟ, କାର୍ତ୍ତିକ ମହାପାତ୍ର, ଭଗବାନ ଗୁରୁ, ସୁବାସ ସାହୁ, ରମେଶ ଚନ୍ଦ୍ର ବେହେରା, ଗୋପାଳ ନାୟକ, ଜିତେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଅକ୍ଷତ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ବେଶଧାରୀ ଏବଂ ଶ୍ରଦ୍ଧାଳୁ।

# ସୁପର ଓଭରରେ ଜିତିଲା କନ୍ତାଇଲୋ


ଅତିଥଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବୋଲଗଡ଼, ୫।୧(ଦେବବ୍ରତ ହୋତା)

**ଦୀପକ-ନୀଳମଣି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋ ଗ୍ରାମର ବାଲାଜୀଉ ଖେଳପଡ଼ିଆରେ ଚାଲିଥିବା ଦୀପକ-ନୀଳମଣି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ କନ୍ତାଇଲୋ ଟିମ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚ୍ ଲୋଧାଚୁଆ ଟିମ୍ ଓ କନ୍ତାଇଲୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଲୋଧାଚୁଆ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୭ ଓଭରରେ ୬ ଉଇକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ କନ୍ତାଇଲୋ ଟିମ୍ ୧୭ ଓଭରରେ ୭ ଉଇକେଟ ହରାଇ ୯୭ ରନ୍ ସଂଗ୍ରହ କରିଥିଲା। ଫଳରେ ସୁପର ଓଭର ହୋଇଥିଲା। ଲୋଧାଚୁଆ ଟିମ୍ ୧ ଓଭରରେ ଗୋଟିଏ ଉଇକେଟ ହରାଇ ୬ ରନ ସଂଗ୍ରହ କରିଥିଲା। ଜବାବରେ କନ୍ତାଇଲୋ ୧ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୭ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରଶାନ୍ତ କୁମାର ସାହୁ, ଦୀପକ ପ୍ରଧାନ ଓ ଶିଶିର ସୁନ୍ଦରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଭାଜପା ନେତା ସୁବାସ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଲୋତକବିନ୍ଦୁ ପଟ୍ଟନାୟକ, ମୁଖ୍ୟବକ୍ତା ଶିବପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ସଞ୍ଜୟ କୁମାର ବେହେରା, ଅଶୋକ ରାଉତ, ନିଲୁ ନାୟକ, ଜିତେନ୍ଦ୍ର ରାଉତ, ପବିତ୍ର ରାଉତ, ଅଭିମନ୍ୟୁ ପଟ୍ଟନାୟକ, କୃପାସିନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୫ହଜାର ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଟିମ୍‌ର ଶୁଭେନ୍ଦୁ କୁମାର ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସୁଶାନ୍ତ ନିଶଙ୍କ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ଆନନ୍ଦ ନାୟକ ବେଷ୍ଟ ଅଲ୍‌ରାଉଣ୍ଡର ଭାବେ ସମ୍ମାନିତ ହୋଇଥିଲେ।

# ମା'ମଙ୍ଗଳା କ୍ଲବ ବାଙ୍କୀ ଫାଇନାଲରେ

ବେଗୁନିଆ,୫।୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଷ୍ଟାମଳିମ ଗ୍ରାମସ୍ଥିତ ଖେଳପଡ଼ିଆରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ବାଙ୍କୀର ମା' ମଙ୍ଗଳା କ୍ଲବ ଫାଇନାଲରେ ପ୍ରବେଶ କରିଛି। ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଙ୍କୀର ମା' ମଙ୍ଗଳା ଫୁଟ୍‌ବଲ କ୍ଲବ ଏବଂ ଖଣ୍ଡପଡ଼ା ଟାଉନ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ମା' ମଙ୍ଗଳା ଫୁଟ୍‌ବଲ କ୍ଲବ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଖଣ୍ଡପଡ଼ା ଟାଉନ୍ କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ହାଡ୍ଡୁବନ୍ଧୁ ମହାପାତ୍ର, ସମିତିସଭ୍ୟ ନଳିନୀ ପଣ୍ଡା, ନାଏବ ସରପଞ୍ଚ ଉଷାରାଣୀ ମାର୍ଥା, ସାମାଜିକ କର୍ମୀ ନୀଳମଣି ପ୍ରଧାନ, ସନ୍ତୋଷ ବଳିୟାରସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଦେଶୀ ନାୟକ, ଟୁଟୁ ବାହିନୀପତି, ସଗିର ଅହମ୍ମଦ ଓ ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଦୟାନ୍ ଖାଁ ମ୍ୟାଚ୍ କମିଶନର ଥିଲେ। ଶୁଭେନ୍ଦୁ ବଳିୟାରସିଂହ ଓ ମିହିର ରଞ୍ଜନ ମହାପାତ୍ର ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ଟାଙ୍ଗୀର ରଘୁନାଥ କ୍ଲବ ଓ ନୟାଗଡ଼ ଟାଉନ୍ ଟାଇଗର କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଧାନ ବୋଝେଇ ଟ୍ରାକ୍ଟର ଧକ୍କାରେ ମହିଳାଙ୍କ ମୃତ୍ୟୁ

ବାଲିପାଟଣା,୫ା୧(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ପୋଇଝାରି ଗହୀରରେ ଏକ ଧାନ ବୋଝେଇ ଟ୍ରାକ୍ଟର ଧକ୍କାରେ ଶୁକ୍ରବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାରଙ୍ଗସାହି ପାଟଣାର ସୀତା ମଲ୍ଲିକ (୫୮)। ସୂଚନା ମୁତାବକ, ଅପରାହ୍ନରେ ପୋଇଝାରି ଗହୀରରେ କଟାଧାନ ଏକ ଟ୍ରାକ୍ଟରରେ ଲୋଡ୍ କରାଯାଇଥିଲା। ଏହାପରେ ଟ୍ରାକ୍ଟରଟି ବ୍ୟାକ୍ କରିବା ସମୟରେ ସେଠାରେ ଛିଡ଼ା ହୋଇଥିବା ସୀତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୀତା ଛିଟିକି ପଡ଼ିବାରୁ ପଛଚକ ତାଙ୍କ ଉପରେ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲିପାଟଣା,୫ା୧(ଅଭିମନ୍ୟୁ ନାୟକ)

ବନମାଳିପୁର ଡିଗ୍ରୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ମୁରଲୀଧର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଫେସର ଆଭାସ କୁମାର ବରାଳ ମୁଖ୍ୟ ଅତିଥି, ବନମାଳିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କଲ୍ୟାଣ କୁମାର ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରଶ୍ମିରଞ୍ଜନ ବଳିୟାରସିଂହ, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ଭରତ ଚନ୍ଦ୍ର ପାତ୍ର, ଅଧ୍ୟାପକ ସୁଶାନ୍ତ କୁମାର ମହାପାତ୍ର, ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଡ. ମୁରଲୀଧର ସାହୁଙ୍କ ରଚିତ ନାଟକ ଜିଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥିରେ ଅଭିନୟ କରିଥିବା କଳାକାରଙ୍କୁ ପୁରସ୍କୃତ କରାଯାଇଛି।

### ପ୍ରେମ ସମ୍ପର୍କକୁ ନେଇ ଅପହରଣ ହୋଇଥିବା ଚର୍ଚ୍ଚା

ବାରଙ୍ଗ,୫ା୧(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ପାଖରୁ ଗୁରୁବାର ସନ୍ଧ୍ୟାରେ ଅପହୃତ ଆଶିଷ ରଞ୍ଜନ ବେହେରାଙ୍କୁ ପୋଲିସ ଉଦ୍ଧାର କରିଥିଲା। ତେବେ ପ୍ରେମ ସମ୍ପର୍କକୁ ନେଇ ଯୋଜନାବଦ୍ଧ ଭାବେ ଅପହରଣ କରାଯାଇଥିବା ଆଲୋଚନା ଜୋର ଧରୁଥିବାବେଳେ ପୋଲିସ କିନ୍ତୁ ଏଥିରେ ମୁହଁ ଖୋଲୁନାହିଁ।

ପ୍ରକାଶ ଯେ, ପାତ୍ରପଡ଼ା ଅଞ୍ଚଳର କେତେଜଣ ଯୁବକ ଏକ କାର୍‌ରେ ଆସି ଆଶିଷଙ୍କୁ ଦାରୁଠେଙ୍ଗ ଗ୍ରାମ ମୁଣ୍ଡକୁ ଆସିବାକୁ କହିଥିଲେ। ଆଶିଷ ଓ ତାଙ୍କ ସାଙ୍ଗ ରାଜେଶରଣ ସିଂ ଗ୍ରାମ ମୁଣ୍ଡରେ ପହଞ୍ଚିବା ପରେ ଉକ୍ତ କାର୍‌ରେ ଉଭୟ ଚନ୍ଦକା ଥାନା ପାଖରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ପୁନର୍ବାର ଦାରୁଠେଙ୍ଗ ଫେରିବା ପରିବର୍ତ୍ତେ ଅନ୍ଧାରୁଆ ଆଡ଼େ ଯାଇଥିଲେ। ଆଶିଷ ଏଥିରେ ବିରୋଧ କରିବାରୁ କାର୍‌ରେ ଥିବା ଯୁବକ ତାଙ୍କୁ ମାଡ଼ ମାରି ମାରଣାସ୍ତ୍ର ଦେଖାଇ ଭୟଭୀତ କରି ମୁଣ୍ଡ ଫଟାଇ ଦେଇଥିଲେ। ଏହି ସୁଯୋଗରେ ରାଜେଶ କାର୍ ଡୋର ଖୋଲି ତଳକୁ ଡେଇଁ ପଡ଼ିଥିଲେ। ଏହାପରେ ରାଜେଶ ଏ ବାବଦରେ ଆଶିଷଙ୍କ ପରିବାରକୁ ଖବର ଦେବା ସହ ଥାନାରେ ଜଣାଇଥିଲେ। କାର୍‌ରେ ଥିବା ଯୁବକମାନେ ଆଶିଷଙ୍କୁ ପାତ୍ରପଡ଼ାର ଏକ ଜାଗାକୁ ନେଇ ବାଡେଇ ସେଠାରେ ଛାଡ଼ି ପଳାଇଥିଲେ। ସେଠାକାର ଜଣେ ଜନପ୍ରତିନିଧି ଆଶିଷଙ୍କୁ ଉଦ୍ଧାର କରି ଥାନାରେ ଛାଡ଼ିଥିଲେ। ସବୁଠୁ ବଡ଼ କଥା ହେଲା ଥାନାଠାରୁ ମାତ୍ର କେଇ ହାତ ଦୂରରେ ଘଟିଥିବା ଏହି ଘଟଣା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅପହରଣକୁ ନେଇ କୌଣସି କଥା କହିବାକୁ ପୋଲିସ ରାଜି ହେଉ ନ ଥିବାବେଳେ ଅପହରଣକାରୀଙ୍କୁ ଧରିବା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଛି।

# ରାଜୀବନଗର ଜଳବନ୍ଦୀ ସମସ୍ୟା ଦୂରହେବ

## ନିର୍ମାଣ ହେବ ୧୨୭୦ ମିଟର ଡ୍ରେନ୍ ୱାଲ୍

ଭୁବନେଶ୍ୱର, ୫ା୧ (ବନ୍ଦନା ସେଠୀ)



ଖୁବ୍‌ଶୀଘ୍ର ରାଜୀବନଗରବାସୀଙ୍କ ଦୁଃଖ ଦୂର ହେବ। ବର୍ଷାଦିନେ ରାଜୀବ ନଗର ଓ ଏହାର ଆଖପାଖ ଅଞ୍ଚଳରେ ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନ ନେଇ ବିଏମ୍‌ସି ପ୍ରକ୍ରିୟା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଖଣ୍ଡଗିରି ପ୍ଲାଜାଠାରୁ କମ୍ପ୍ଲୋପଲିସ ଡିଏନ୍‌ଏକ୍ସିପର୍ଯ୍ୟନ୍ତ ୧୨୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଡ୍ରେନ ୱାଲ୍ ନିର୍ମାଣ କରାଯିବ। ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଏନେଇ ନିଷ୍ପତି ନିଆଯାଇଛି। ବିଜ୍ଞାନ ଓ କାରିଗରି କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବର୍ଷାଦିନେ ରାଜୀବ ନଗରରେ ହେଉଥିବା ସାମୟିକ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ପ୍ରବଳ ବର୍ଷା ହେଲେ ଖଣ୍ଡଗିରି ପ୍ଲାଜା, ଶ୍ରୀକ୍ଷେତ୍ର ବିହାର, ଚିଦାନନ୍ଦ ବିହାର, କୋଲଥିଆ, ରାଜୀବନଗର, ଖାରବେଳ କମ୍ପ୍ଲେକ୍ସ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ପ୍ରକାର ଜଳବନ୍ଦୀ ଅବସ୍ଥା ସୃଷ୍ଟି ହେଉଛି। ଏହି ଅଞ୍ଚଳ ଦେଇ ଯାଇଥିବା ୯ନଂ. ଡ୍ରେନର ଉଭୟ ପାର୍ଶ୍ୱ ୱାଲ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବାରୁ ଏହାର ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ପାଇଁ ୨୬.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ଏଥିପାଇଁ ଟେଣ୍ଡର ହୋଇ ୭ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଆସନ୍ତା ବର୍ଷାଋତୁ ପୂର୍ବରୁ କାମ ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅମରେଶ ଜେନା, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, କର୍ପୋରେଟର, ଡ୍ରେନେଜ୍ ବିଭାଗର ବରିଷ୍ଠ ଅଧିକାରୀ, ରାଜୀବ ନଗର ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

# 'ପତଞ୍ଜଳି ଗୁରୁକୁଲମ୍'ର ଶିଳାନ୍ୟାଶ କରିବେ ପ୍ରତିରକ୍ଷା ମନ୍ତ୍ରୀ



ଖବରଦାତା ସମ୍ମିଳନୀରେ ସ୍ୱାମୀ ରାମଦେବ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୫ା୧, (ଅନୁରାଧା ମହାରଣା)

ପତଞ୍ଜଳି ଯୋଗପୀଠର ୨୯ତମ ପ୍ରତିଷ୍ଠା ଦିବସ ଏବଂ ମହର୍ଷି ଦୟାନନ୍ଦ ସରସ୍ୱତୀ ଓ ଗୁରୁକୁଳ ପ୍ରତିଷ୍ଠାତା ସ୍ୱାମୀ ଦର୍ଶନାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ହରିଦ୍ୱାରଠାରେ 'ପତଞ୍ଜଳି ଗୁରୁକୁଳମ୍'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ୱାମୀ ରାମଦେବ ମହାରାଜ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୧୧୮ ବର୍ଷ ପୂର୍ବେ ସ୍ୱାମୀ ଦର୍ଶନାନନ୍ଦଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଗୁରୁକୁଳର ନାମ ଦର୍ଶନାନନ୍ଦ ଗୁରୁକୁଳ ମହାବିଦ୍ୟାଳୟ ଜ୍ୱାଲାପୁର ରଖାଯାଇଛି। ଏହା ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବର କେନ୍ଦ୍ର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଗୁରୁକୁଳର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, କେନ୍ଦ୍ରମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ, ରାଜ୍ୟ ସଭା ସଦସ୍ୟ ସୁଧାଂଶୁ ତ୍ରିବେଦୀ ପ୍ରମୁଖ ଉପସ୍ଥିତ ରହିବେ। ଏଠାରେ ୨୫୦ କୋଟି ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଗୁରୁକୁଳ ନିର୍ମାଣ କରାଯିବା ସହ ପ୍ରାୟ ୧୫୦୦ ବିଦ୍ୟାର୍ଥୀଙ୍କ ପାଇଁ ଆବାସିକ ବ୍ୟବସ୍ଥା ରହିବ। ଏହା ବ୍ୟତୀତ ଏଠାରେ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ଆଚାର୍ଯ୍ୟକୁଲମ ଶାଖା ପ୍ରତିଷ୍ଠା କରାଯିବ, ଯେଉଁଥିରେ ପ୍ରାୟ ୫୦୦୦ ପିଲା ଡେ' ବୋର୍ଡିଂର ସୁବିଧା ପାଇପାରିବେ। ଏଥିସହ ମହର୍ଷି ଦୟାନନ୍ଦ ଅତିଥି ଭବନ ନିର୍ମାଣ କରିବାର ଯୋଜନା ମଧ୍ୟ ରହିଛି। ପତଞ୍ଜଳି ଗୁରୁକୁଳ ଏବଂ ଆଚାର୍ଯ୍ୟକୁଳର ପିଲାମାନେ ହିନ୍ଦୀ, ଇଂଲିଶ, ସଂସ୍କୃତ ସମେତ ଅତି କମ୍‌ରେ ୫ଟି ଭାଷା ଶିକ୍ଷାଲାଭ କରିବେ। ଖବରଦାତା ସମ୍ମିଳନୀରେ ପତଞ୍ଜଳି ଯୋଗପୀଠର ଆଚାର୍ଯ୍ୟ ବାଲକ୍ରିଷ୍ଣା ଜୀ ମହାରାଜ, ପତଞ୍ଜଳି ଗ୍ରାମୋଦ୍ୟୋଗର ସାଧାରଣ ସମ୍ପାଦକ ଡ. ଯଶଦେବ ଶାସ୍ତ୍ରୀ, ପତଞ୍ଜଳି ଫୁଡ୍ ଲିମିଟେଡ୍‌ର ଏମ୍‌ଡି ଶ୍ରୀ ରାମ ଭରତ, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଡିନ୍ ସାଧବୀ ଦେବପ୍ରିୟା, ଆଚାର୍ଯ୍ୟକୁଳର ଋତୁମ୍ଭରା, କ୍ରୟ କମିଟିର ଉପାଧ୍ୟକ୍ଷ ଅଂଶୁଲ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା ୱାର୍କସ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ/ରେଗୁଲାର କର୍ମଚାରୀ ଆସୋସିଏଶନ, ସରକାରୀ ବ୍ରଟ୍‌ଓଭର କର୍ମଚାରୀ ସେବା ନିବୃତ ପରିଷଦ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ପୂର୍ତ୍ତ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୫ା୧(ଅନୁରାଧା ମହାରଣା)

୩ଦଫା ଦାବି ନେଇ ପୂର୍ତ୍ତ ବିଭାଗ ଅବସରପ୍ରାପ୍ତ କର୍ମଚାରୀମାନେ ଶୁକ୍ରବାର ଭୁବନେଶ୍ୱରରେ ଶୋଭାଯାତ୍ରା ଓ ସମାବେଶ କରିଥିଲେ। ୧୯୯୩ରିଖି ପୂର୍ବରୁ ଡିଏଲ୍‌ଆର୍‌ରୁ ୱାର୍କଚାର୍ଜଡ ଓ ୱାର୍କଚାର୍ଜଡରୁ ନିୟମିତ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶରେ ଯୋଗଦେଇଥିଲେ। ଅବସରକାଳୀନ ଭତ୍ତା ପ୍ରଦାନ, ପେନ୍‌ସନ ପାଇବା ପର୍ଯ୍ୟନ୍ତ ୱାର୍କଚାର୍ଜଡରେ ନିଯୁକ୍ତି ଏବଂ ହାଇକୋର୍ଟ ଓ ସୁପ୍ରିମକୋର୍ଟ ସରକାରଙ୍କୁ ଦେଇଥିବା ଆଦେଶ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଛନ୍ତି। ଓଡ଼ିଶା ୱାର୍କସ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ/ରେଗୁଲାର କର୍ମଚାରୀ ଆସୋସିଏଶନ ପକ୍ଷରୁ ଏହି ସମାବେଶ ଡାକରା ଦିଆଯାଇଥିଲା। ଏହି ଅବସରରେ ସଂଘର ୭ଜଣ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଓଏସ୍‌ଡି ରୀତାରାଣୀ ମହାପାତ୍ରଙ୍କୁ ୩ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ତେବେ ସଂଘର ନ୍ୟାଯୋଚିତ ଦାବି ସରକାର ନ ମାନିଲେ ୧୯ ତାରିଖରେ ସପରିବାର ଆଇନ ଅମାନ୍ୟ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ଅଶୋକ ଚୌଧୁରୀ, ସାଧାରଣ ସମ୍ପାଦକ ଅରୁଣ କେଶରୀ ପରିଡ଼ା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବାହିନୀପତି, ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, କଲ୍ୟାଣ ମହାରଣା ଓ କମଳା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

# କଞ୍ଚା ରାସ୍ତା ପକ୍କା ପାଇଁ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର, ୫ା୧ (ବନ୍ଦନା ସେଠୀ)

ବିଏମ୍‌ସି ଅଞ୍ଚଳରେ ଥିବା କଞ୍ଚା ରାସ୍ତାକୁ ପକ୍କା କରିବା ପାଇଁ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମୋଟ ୭୫ କି.ମି. ରାସ୍ତା ପାଇଁ ପ୍ରାୟ ୧୪୫ କୋଟି ଟଙ୍କାର ୪୬ଟି କାର୍ଯ୍ୟାଦେଶ ଦିଆଯାଇଛି। ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନା, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛତା ରକ୍ଷା କରିବା ସହ କାମ ନେଇଥିବା ଠିକାଦାରମାନେ ଗୁଣାତ୍ମକ କାମ କରିବେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଠିକ ସମୟରେ, ଉପଯୁକ୍ତ ଭାବେ କାମ କଲେ ବିଲ୍ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ନିର୍ଦ୍ଧାରିତ ସମୟରେ ପେମେଣ୍ଟ ଦିଆଯିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଏଥିସହ କାମ ସମୟରେ କୌଣସି ଅସୁବିଧା ହେଲେ ସ୍ଥାନୀୟ କର୍ପୋରେଟର ଓ ଟିମ୍‌ବିଏମ୍‌ସି ସହାୟତା କରିବ। କାମର ଅଗ୍ରଗତି ସ୍ୱତନ୍ତ୍ର ଟିମ୍ ଦ୍ୱାରା କରାଯିବ ବୋଲି କମିଶନର କହିଥିଲେ।

# ଗିଫ୍ଟରେ ବିପିୟୁଟି ପ୍ରକଳ୍ପ ପ୍ରଦର୍ଶନୀ




ଭୁବନେଶ୍ୱର,୫ା୧(ଅନୁରାଧା ମହାରଣା)

ଗିଫ୍ଟ ସ୍ୱୟଂ ଶାସିତ କଲେଜରେ ବିପିୟୁଟି ପକ୍ଷରୁ ପ୍ରକଳ୍ପ ପ୍ରଦର୍ଶନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୦ରୁ ଅଧିକ ବୈଷୟିକ ଶିକ୍ଷାନୁଷ୍ଠାନରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗିଫ୍ଟର ଅଧ୍ୟକ୍ଷ ଡ. ଶରତ କୁମାର ମହାରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ତପନ କୁମାର ଶତପଥୀ (ଏସ୍‌ଏଜି) ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଗିଫ୍ଟର ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା ଓ ବିପିୟୁଟିର ସିୟୁପିଜିଏସ୍ ନିର୍ଦ୍ଦେଶକ ପ୍ରଫେସର ଶିବ କୁମାର ମିଶ୍ର ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଥମ ସ୍ଥାନ ହାସଲ କରିଥିବା ସିନର୍ଜି, ଦ୍ୱିତୀୟ ସ୍ଥାନରେ ଥିବା ଗିଫ୍ଟ ଅଟୋନୋମସ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟ୍ରାଇଡେଣ୍ଟ ଇଞ୍ଜିନିୟରିଂ କଲେଜକୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିପିୟୁଟି କୁଳପତିଙ୍କ ସହ ଓୟୁଟିଆର୍ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଯୋଗ ଦେଇଥିଲେ। ବିପିୟୁଟି କରିକୁଲମ ଡାଇରେକ୍ଟର ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପ୍ରଫେସର ବିକ୍ରମ କେଶରୀ ରାଉତ, ଅଙ୍କିତା ମହାନ୍ତି ଓ ସୀତାରାମ ଶତପଥୀ ପରିଚାଳନା କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶୀତ ଉତ୍ସବ

ଭୁବନେଶ୍ୱର,୫ା୧(ଶର୍ମିଷ୍ଠା ପାଣିଗ୍ରାହୀ)




ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟକ ତଥା ପ୍ରଶାସକ ଡ. ରବିନାରାୟଣ ସେନାପତି, ମୁଖ୍ୟବକ୍ତା ଭାବେ ସାହିତ୍ୟକ ତଥା ପ୍ରଫେସର ସଂଘମିତ୍ରା ମିଶ୍ର ଓ ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଡ. ଅର୍ଚ୍ଚନା ନାୟକ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ବାର୍ଷିକ କ୍ୟାଲେଣ୍ଡରକୁ ଅତିଥିମାନେ ଲୋକାର୍ପିତ ହୋଇଥିଲା। ପରେ ଶୀତକୁ ନେଇ ଏକ ମନୋଜ୍ଞ କବିତା ଅନୁଷ୍ଠିତ ହେବା ସହ, ଓଡ଼ିଶୀ କଣ୍ଠ ସଂଗୀତ, ତାଳବାଦ୍ୟ, କଚେରି, ଋତୁକାଳୀନ ଗୀତ, ନୃତ୍ୟ ନାଟିକା ମାଣିକ ପାଟଣା, ସମ୍ବଲପୁରୀ ନୃତ୍ୟ ଏବଂ ଛଉନୃତ୍ୟ ପରିବେଷିତ ହୋଇଥିଲା। କୁଳସଚିବ ଅନାମିକା ଅଧିକାରୀ ପ୍ରାରମ୍ଭିକ ସୂଚନା ଓ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଦେଇଥିଲେ। ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବେଳେ ଡ. ଧୀରଜ କୁମାର ମହାପାତ୍ର, ଡ. ଆଶିଷ ମହାପାତ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ, ଡ. ସମ୍ବରୁ ସୋଭରା, ଡ. ମନୋରଞ୍ଜନ ପ୍ରଧାନ, ଡ. ଇତିଶ୍ରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ସଚିବାଳୟ ସେବା ସଂଘର ଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର,୫ା୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଚିବାଳୟ ସେବା ବର୍ଗର ଅଧିକାରୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରଦାନ କରାଯାଇଛି। ରାଜ୍ୟର ଅନ୍ୟ ସମସ୍ତ ବର୍ଗର କର୍ମଚାରୀମାନେ ସେମାନଙ୍କ କେନ୍ଦ୍ରୀୟ ପ୍ରତିପକ୍ଷ ସହ ସମାନ ହାରରେ ଦରମା ପାଉଥିବାବେଳେ କେବଳ ସଚିବାଳୟ ସେବା ବର୍ଗର କର୍ମଚାରୀମାନେ ବଞ୍ଚିତ ହେଉଛନ୍ତି। ତେଣୁ କେନ୍ଦ୍ରୀୟ ସଚିବାଳୟ ଏଏସ୍‌ଓଙ୍କ ଦରମା ହାରରେ ରାଜ୍ୟ ସଚିବାଳୟ ଏଏସ୍‌ଓଙ୍କ ଦରମା ଲେଭେଲ-୧୦ରେ ନିର୍ଦ୍ଧାରଣ ସମେତ କେତେକ ଦାବି ରଖାଯାଇଛି। ବିଗତ ଦିନରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟଶାସନ ସଚିବ, ଗୃହ ସଚିବ, ଅର୍ଥ ସଚିବ ଓ ଆନ୍ତଃମନ୍ତ୍ରୀସ୍ତରୀୟ ସମିତି ନିକଟରେ ସଂଘ ଦାବି କରି ଆସିଛି। ହେଲେ ଦାବିପୂରଣ ଦିଗରେ କୌଣସି ସୁଫଳ ନ ମିଳିବାରୁ ସଚିବାଳୟ ସେବା ସଂଘର ସମସ୍ତ ଅଧିକାରୀ ଲୋକସେବା ଭବନରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ସଚିବାଳୟର ମୁଖ୍ୟ ରାସ୍ତାକୁ ଅବରୋଧ କରି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ପରେ ସଂଘ ଏହାର ପ୍ରସ୍ତାବିତ ଧାରଣା ସ୍ଥଗିତ ରଖିଥିଲା। ଯଦି ଆସନ୍ତା ଏକସପ୍ତାହ ମଧ୍ୟରେ ଦାବିପୂରଣ ନ ହୁଏ, ପୁନର୍ବାର ଅନିର୍ଦ୍ଦିଷ୍ଟକାଳ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ସୂଚନା ଦେବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

# ଆଇଆଇଆଇଡିର ଭୁବନେଶ୍ୱର ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୫ା୧(ଅସମାପିକା ସାହୁ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଇଣ୍ଟେରିଅର ଡିଜାଇନ୍ସ (ଆଇଆଇଆଇଡି)ର ଭୁବନେଶ୍ୱର ସେଣ୍ଟର ଶୁକ୍ରବାର ଖୋଲିଛି। ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇଆଇଡି ପକ୍ଷରୁ ଏହା ଘୋଷଣା କରାଯାଇଛି। ଆଇଆଇଆଇଡି ଜାତୀୟ କାର୍ଯ୍ୟକାରିଣୀ କମିଟିର ସଭାପତି ସରୋଶ ଏଚ୍. ୱାଡ଼ିଆ ଯୋଗଦେଇ ବର୍ତ୍ତମାନ ସମୟରେ ଇଣ୍ଟେରିଅର ଡିଜାଇନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ଭୁବନେଶ୍ୱର କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ଆଇଆଇଆଇଡିର ଯାତ୍ରାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା ବୋଲି କହିଥିଲେ। ଡିଜାଇନ୍ ପ୍ରେମୀ, ପେସାଦାର ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଭୁବନେଶ୍ୱର କେନ୍ଦ୍ର ଏକ ହବ୍ ଭାବରେ କାର୍ଯ୍ୟ କରିବ ଏବଂ ଇଣ୍ଟେରିଅର ଡିଜାଇନରେ ଅଭିନବତା ତଥା ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଆଇଆଇଆଇଡି ଭୁବନେଶ୍ୱର ଅଧ୍ୟକ୍ଷ ଭକ୍ତି ପ୍ରସାଦ ମହାପାତ୍ର, ସମ୍ପାଦିକା ସାମିନୀ ଶଙ୍କର ଜୈନ, ଅଧ୍ୟକ୍ଷ ଲୀନା ନିମ୍ବାଲକର ଉପସ୍ଥିତ ଥିଲେ।



ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଥିବା ବରଗଡ଼ ଜିଲା ପାଇକମାଳସ୍ଥିତ ଏମ୍‌ଡି ଗୁରୁକୁଳ ଯୋଗାଶ୍ରମର ଛାତ୍ରୀଛାତ୍ର।

# ସାଂସ୍କୃତିକ ଐତିହ୍ୟ ବିଶ୍ୱରେ ପହଞ୍ଚାଇବାକୁ ସାମୂହିକ ଉଦ୍ୟମ ଲୋଡ଼ା

ଭୁବନେଶ୍ୱର,୫ା୧(ଶର୍ମିଷ୍ଠା ପାଣିଗ୍ରାହୀ)




## 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟ: ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ' ଜାତୀୟ ଆଲୋଚନାଚକ୍ର

ଆମ ଓଡ଼ିଶା ଐତିହ୍ୟରେ ସମୃଦ୍ଧ। ସଂସ୍କୃତି ଓ ପରମ୍ପରାର ସମାହାର ହେଉଛି ଓଡ଼ିଶା। ଆମର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ସଂସ୍କୃତି, ଐତିହ୍ୟ ଓ ବିଭବ ବଞ୍ଚି ରହିଲେ ଜାତି ଓ ସଭ୍ୟତା ତିଷ୍ଠି ରହିବ। ଏହାର ସଂରକ୍ଷଣ ଓ ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିବା ଉଚିତ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟ: ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଏବଂ ପ୍ରଫେସର ମନ୍ମଥନାଥ ଦାଶଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ନୂଆଦିଲ୍ଲୀ ଆଇସିଏଚ୍‌ଆର ସଦସ୍ୟ ପ୍ରଫେସର ହରିହର ପଣ୍ଡା, ଆନ୍ଧ୍ର ପ୍ରଦେଶ ଆଦିକବି ନୟନା ବିଶ୍ୱବିଦ୍ୟାଳୟର ପ୍ରଫେସର ଭିପୁରୀ ସୁଦର୍ଶନ, ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ, ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦ ସଦସ୍ୟ ପ୍ରଫେସର ସୁସ୍ମିତ ପାଣି ପ୍ରମୁଖ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା ସ୍ୱାଗତ ଭାଷଣ, ସହକାରୀ ପ୍ରଫେସର ଅଜିତ କୁମାର ସାହୁ ଅତିଥି ପରିଚୟ ଓ ଡ.ପରେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର କେ.ଏମ.ପାତ୍ର, ଡ.ରଞ୍ଜିତା ଦାସ ଓ ଡ.ସଂଘମିତ୍ରା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ମିକ୍ସଚର ମେଶିନକୁ ପିଟିଲା କାର୍**

ଅସ୍ତରଙ୍ଗ,୫।୧(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ବଜାରଠାରୁ ଶହେ ମିଟର ଦୂରରେ ଶୁକ୍ରବାର ଘଟିଥିବା ଏକ ଦୁର୍ଘଟଣାରେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ମିକ୍ସଚର ମେଶିନ ଥୁଆ ହୋଇଥିଲା। ଜଣେ ଯୁବକ କାର୍ ଚଳାଇ ଆସି ସେହି ମେଶିନକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ମେଶିନ କେନାଲ ବନ୍ଧକୁ ଗଡ଼ିଯାଇ ଯନ୍ତ୍ରାଂଶ ଭାଙ୍ଗିଯାଇଛି। ତେବେ ଚାଳକ ଫେରାର ହୋଇଯାଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧।୨୦୨୪

| | |
|---|---|
| ୪,୨୯,୬୬୬ ଟଙ୍କା | |
| ସୁନା | ୧୪.୪୦୦ ଗ୍ରାମ୍ |
| ରୁପା | ୩୬.୬୦୦ ଗ୍ରାମ୍ |

# ପୁରୀ ଜିଲାରେ ଭୋଟର ସଂଖ୍ୟା ବୃଦ୍ଧି

**ପୁରୀ, ୫।୧(ଅଜିତ୍ ମହାନ୍ତି):**

ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବାପେକ୍ଷା ୨୬୫୦୧ ଭୋଟର ବଢ଼ିଛନ୍ତି। ଏଥିରେ ୧୮ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୨୪୨୪୩ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଶୁକ୍ରବାର ସର୍କିଟ ହାଉସଠାରେ ୨୦୨୪ର ଭୋଟର ତାଲିକା ପ୍ରକାଶିତ ହୋଇଛି। ଏହାକୁ ପ୍ରକାଶ କରି ଜିଲାପାଳ ବର୍ମା ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ମତଦାନ ଯେତିକି ଜରୁରୀ, ସୁସ୍ଥ ଓ ଠିକ ଭୋଟର ତାଲିକା ମଧ୍ୟ ସେତିକି ଜରୁରୀ ବୋଲି କହିଥିଲେ। ସମସ୍ତ ନୂତନ ଭୋଟରଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ଜିଲାର ଭୋଟର ସଂଖ୍ୟା ୧୩୬୩୭୮୧ ଥିବା ବେଳେ ନୂତନ ତାଲିକାରେ ୧୩୯୦୨୮୨ ଭୋଟର ରହିଛନ୍ତି। ଏଥିରେ ୭୧୫୭୩୩ ପୁରୁଷ, ୬୭୪୪୬୯ ମହିଳା ଏବଂ ୮୦ ଜଣ ଅନ୍ୟାନ୍ୟ ବର୍ଗର ରହିଛନ୍ତି। ନୂଆ ତାଲିକାରେ ୯୯.୯୯ ଭାଗ ଭୋଟରଙ୍କ ଫଟୋ ସାମିଲ ଅଛି। କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୦ଟି ବୁଥ୍‌ରେ ୨୩୧୯୮୩, ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୨୮୦ ବୁଥ୍‌ରେ ୨୪୪୦୪୨, ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ୨୩୯ ବୁଥ୍‌ରେ ୨୩୪୮୨୮, ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର ୨୭୧ ବୁଥ୍‌ରେ ୨୨୫୯୦୮, ସତ୍ୟବାଦୀ ବିଧାନସଭା



ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଭୋଟର ତାଲିକା ପ୍ରକାଶ କରୁଛନ୍ତି ।

**ଥିଲେ ୧୩୬୩୭୮୧, ହେଲେ ୧୩୯୦୨୮୨**

ନିର୍ବାଚନ ମଣ୍ଡଳୀର ୨୫୪ ବୁଥରେ ୨୧୧୬୫୬ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୪ ବୁଥ୍‌ରେ ୨୩୩୮୬୫ ଜଣ ଭୋଟର ରହିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଦୁର୍ଦ୍ଧାନ୍ତ କାଳୁ ଭୋଳ କୋର୍ଟ ଚାଲାଣ

**ସାକ୍ଷୀଗୋପାଳ, ୫।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

**ଏନ୍‌କାଉଣ୍ଟରରେ ଆହତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ**

ପୁରୀ ଜିଲା ବାଟଗାଁର ଦୁର୍ଦ୍ଧାନ୍ତ କାଳୁ ଭୋଳ ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେ ସୁସ୍ଥ ହୋଇ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ ସତ୍ୟବାଦୀ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। କାଳୁଙ୍କୁ ଡିସେମ୍ବର ୨୮ରେ ସତ୍ୟବାଦୀ ପୋଲିସ ଏନ୍‌କାଉଣ୍ଟର କରିଥିଲା। କାଳୁଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଏଥିରେ ସେ ଆହତ ହୋଇଥିବାରୁ ସତ୍ୟବାଦୀ ପୋଲିସ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ସୁସ୍ଥ ହେବାରୁ ତାଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଶୁକ୍ରବାର ଡିସ୍‌ଚାର୍ଜ କରିଥିଲେ। ଏହାପରେ ସତ୍ୟବାଦୀ ପୋଲିସ ତାଙ୍କୁ ନିଜ ହେପାଜତକୁ ନେଇ କୋର୍ଟ ଚାଲାଣ କରିଛି।

ପୁରୀ ଜିଲାର ବିଭିନ୍ନ ଥାନାରେ କାଳୁଙ୍କ ବିରୋଧରେ ୧୮ଟି ସଙ୍ଗିନ ଆପରାଧିକ ମାମଲା ରହିଛି। କାଳୁ ଡିସେମ୍ବର ୨୮ରେ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମ ନିକଟ ସାଗରସ୍ନାନ ମେଳଣ ପଡ଼ିଆରେ ଅନେକ ମାରଣାସ୍ତ୍ର ରଖି ଏକ ବଡ଼ ଅପରାଧ ଘଟାଇବା ନିମନ୍ତେ ପ୍ରସ୍ତୁତ ହେଉଥିବାବେଳେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କୌଣସି ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ସହ ସେଠାକୁ ଯାଇଥିଲେ। ଘଟଣାସ୍ଥଳରେ କାଳୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ତାଙ୍କୁ ଆତ୍ମସମର୍ପଣ ନିମନ୍ତେ କହିଥିଲେ ମଧ୍ୟ ସେ ନ ଶୁଣି ପୋଲିସ ଉପରକୁ ପ୍ରଥମେ ନିଜ ବନ୍ଧୁକରୁ ଗୁଳି ଚଳାଇଥିଲେ। ଏଥିରେ ସତ୍ୟବାଦୀ ଥାନାର ଏଏସ୍‌ଆଇ ଦୀପ୍ତି ରଞ୍ଜନ ସାହୁ ଆହତ ହୋଇଥିଲେ। ପରେ ଆଇଆଇସି ତାଙ୍କ ଜୀବନ ରକ୍ଷା ପାଇଁ ସର୍ଭିସ ବନ୍ଧୁକରୁ ପାଲଟା ଗୁଳିଚାଳନା କରିଥିଲେ। ଏଥିରେ କାଳୁ ଆହତ ହୋଇଥିଲେ। ଘଟଣାସ୍ଥଳରୁ କାଳୁ ବେବହାର କରୁଥିବା ରିଭଲଭରକୁ ପୋଲିସ ଜବତ କରିଥିଲା। କାଳୁଙ୍କ ନାମରେ ଏନେଇ ସତ୍ୟବାଦୀ ଥାନାରେ ଏକ ମାମଲା (ନଂ. ୪୩୭/୨୩) ରୁଜୁ କରାଯାଇଛି।

**ସଂକ୍ଷେପରେ**

### ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ପୁରୀ,୫।୧(ଅଜିତ୍ ମହାନ୍ତି):**

ପୁରୀ ଜିଲା ଅଟୋ ଚାଳକ ମହାସଂଘ, ଟ୍ରେଡ୍ ୟୁନିୟନ ବସ୍‌ଷ୍ଟାଣ୍ଡ ଆଉଟ୍‌ଗେଟ୍‌ଜୋନ ପୁରୀ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବସ୍‌ଷ୍ଟାଣ୍ଡ ନିକଟରେ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହାକୁ ଜିଲା ପରିବହନ ବିଭାଗ ଅଧିକାରୀ ରବିନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ ଚତୁଃପାର୍ଶ୍ୱ ପରିକ୍ରମା କରି ନିରାପଦ ଗାଡ଼ିଚଳନା କରିବା ପାଇଁ ସଚେତନ କରିଥିଲା। ପରେ ଅନୁଷ୍ଠିତ ବୈଠକରେ ମଦ୍ୟପାନ କରି ଗାଡ଼ି ନ ଚଳାଇବା, କ୍ଷମତା ଠାରୁ ଅଧିକ ଯାତ୍ରୀ ପରିବହନ ନ କରିବା ଏବଂ ହେଲମେଟ ବ୍ୟବହାର କରିବା ପାଇଁ ପଟ୍ଟନାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ,ଏମ୍‌ଭିଆଇ ରାଜେଶ୍ ମହାପାତ୍ର ଏବଂ ଅମିତ୍ ରଣା ଯୋଗଦେଇଥିଲେ। ପୁରୀ ଜିଲା ଅଟୋ ଚାଳକ ସଂଘର ସଭାପତି ଦୁର୍ଗାଚରଣ ଖୁଣ୍ଟିଆ, ଜିଲା ଆଉଟ୍ ଗେଟ୍ ସଭାପତି ମୋହନ ରାଉଳୁ, ଅକ୍ଷୟ ପ୍ରଧାନ, ରାଜା ମୁରୁଡ଼ି, ଭାବବିଭବ ରାଉତରାୟ, ବିଦ୍ୟାଧର ଦଳେଇ, ପ୍ରତାପ ପ୍ରଧାନ, ଶିବା ବାରିକ, ଶଙ୍କର ମଲ୍ଲିକ, ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀ ଜିଲା ଅଟୋ ଚାଳକ ମହାସଂଘ, ଟ୍ରେଡ୍ ୟୁନିୟନ ବସ୍‌ଷ୍ଟାଣ୍ଡ ଆଉଟ୍ ଗେଟ୍ ଜୋନ୍ ପୁରୀ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବସ୍‌ଷ୍ଟାଣ୍ଡ ନିକଟରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା । (ଯଜ୍ଞେଶ୍ୱର ମହାନ୍ତି)

## ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ିବାକୁ ଆହ୍ୱାନ

**ବଳଙ୍ଗା,୫।୧(କେଦାରେଶ୍ୱର ନନ୍ଦ):**

ବଳଙ୍ଗା ମହାବିଦ୍ୟାଳୟରେ ଶୁକ୍ରବାର ନୂଆ- ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷା ବିନା ବିକାଶ ମୂଲ୍ୟହୀନ ହୋଇଥିବାରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢି ତୋଳିବା ସହିତ ଅଞ୍ଚଳର ବିକାଶର ତ୍ୱରାନ୍ୱିତ କରିବାକୁ ଅଧ୍ୟାପିକା ଅଧ୍ୟାପକଙ୍କୁ ପରାମର୍ଶ ଦେଇଥିଲେ। ବଳଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୌରୀଶଙ୍କର ମଲ୍ଲିକ, ବଳଙ୍ଗା କଲେଜ ପରିଚାଳନା ସଭାପତି ରାଜକିଶୋର ରଥ ପ୍ରମୁଖ ଯୋଗଦେଇ ଉତ୍ତମ ଦେଶ ଗଠନରେ ଯୁବ ଛାତ୍ରୀଛାତ୍ର ସମାଜରେ ସାମିଲ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବକୁ ଶିକ୍ଷା ବିଭାଗର ମୁଖ୍ୟ ଡ. ପ୍ରଦୋଷ ପତି ପରିଚାଳନା କରିଥିଲେ। ନୂଆ- ଓ ପକ୍ଷରୁ ଆୟୋଜିତ କ୍ରୀଡ଼ା, ସଙ୍ଗୀତ, ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ବଳଙ୍ଗା ମହାବିଦ୍ୟାଳୟରେ ଯୁକ୍ତ୨ ଓ ଯୁକ୍ତ ୩ର ୧୭୧୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୩୫ଜଣ କୃତୀ ଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ସକାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ

**ପୁରୀ, ୫।୧(ଅଜିତ୍ ମହାନ୍ତି):**

**ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି**

ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ଭବତାରଣ ସାହୁ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସରେ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ସକାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ ଓ ପରେଡ ଅଭିବାଦନ ଗ୍ରହଣ କରି ଉଦବୋଧନ ଦେବେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିର ଓ ଗାନ୍ଧୀ ସ୍ମୃତିପୀଠରେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀରେ ଯୋଗଦେବେ। ସେହିପରି ଅପରାହ୍ନରେ ପରେଡ ପଡ଼ିଆରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ସେହିଦିନ ଭୋର ୪ଟା ୩୦ରେ ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି ସକାଳ ୬ଟା ସୁଦ୍ଧା ଶେଷ କରି ଗାନ୍ଧୀ ସ୍ମୃତିପୀଠରେ ଏକତ୍ରିତ ହେବେ। ସେଠାରେ ସକାଳ ୭ଘଟିକା ସୁଦ୍ଧା ସର୍ବଧର୍ମ ପ୍ରାର୍ଥନା ସଭା ହେବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁରୀ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଅଭ୍ୟାସ ପରେଡ ୨୨ ଓ ୨୩ ତାରିଖ ଅପରାହ୍ନ ୩ଟା ଓ ୨୪ ତାରିଖ ସକାଳ ୮ଟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## କ୍ୟାନ୍‌ସର ପୀଡ଼ିତଙ୍କୁ କେଶ ଦାନକଲେ ଅଙ୍କିତା

**ପିପିଲି,୫।୧(ଦୁର୍ଗାମାଧବ ମିଶ୍ର):**

ପିପିଲି ଅଞ୍ଚଳର ଝିଅ ଅଙ୍କିତା ଦାସ ପେସାରେ ଅଧ୍ୟାପିକା ଥିବାବେଳେ ସମାଜସେବା କରିବା ତାଙ୍କର ନିଶା। ଏହି ନିଶା ପାଇଁ ସେ ଶୁକ୍ରବାର ଜଣେ କ୍ୟାନ୍‌ସର ପୀଡ଼ିତଙ୍କୁ ତାଙ୍କ କେଶ ଦାନ କରିଛନ୍ତି। ଖ୍ରୀଷ୍ଟ ସମାଜର ଝିଅ ଅଙ୍କିତା ପବିତ୍ର ବାଇବେଲର କିଛି ଲେଖା 'ପରୋପକାର ଓ ଦାନ କରିବାକୁ ପାସୋର ନାହିଁ, କାରଣ ଏହିପରି ବଳିରେ ଈଶ୍ୱର ସନ୍ତୋଷ, ଅନ୍ୟକୁ ଦାନ ଦେବା, ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ମନକୁ ଶାନ୍ତି ଓ ଖୁସି ମିଳେ'। ଏଥିରେ ଅନୁପ୍ରାଣିତ ହୋଇ ସେ ୨ ବର୍ଷ ଧରି କେଶ ନ କାଟି କ୍ୟାନ୍‌ସର ପୀଡିତଙ୍କୁ ଦାନ କରିବା ପାଇଁ ପଣ କରିଥିଲେ। ସେଥିପାଇଁ ସେ ଇଣ୍ଟରନେଟ୍‌ରେ ବହୁ ଅନୁସନ୍ଧାନ କରି ଓଡ଼ିଶା ହେୟାର ଡୋନେଶନ ସଂସ୍ଥା ସହ ଯୋଗାଯୋଗ କରି ଶୁକ୍ରବାର ନିଜ କେଶକୁ କାଟି ଦାନ କରିଛନ୍ତି। ଏଥିପାଇଁ ତାଙ୍କ ମନରେ ତିଳେ ମାତ୍ର ଦୁଃଖ ନାହିଁ। ସେ କହିଛନ୍ତି, ଯେଉଁ କ୍ୟାନ୍‌ସର ପୀଡିତ କେମୋଥେରାପି ନେଇ ନିଜ କେଶ ହରାଉଛନ୍ତି, ସେ କେତେ ଦୁଃଖୀ ଗୋଟେ ଝିଅ ହୋଇ ସେ ତାହା ଅନୁଭବ କରିପାରୁଛନ୍ତି। ଏହି ଦୃଷ୍ଟିରୁ ସେ ପୀଡିତଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରୁଛନ୍ତି। ଏଥି ସହିତ ସମସ୍ତ ମହିଳା ସମାଜକୁ ଏହି ମହତ୍ କାମରେ ଅନୁପ୍ରାଣିତ ହେବାକୁ ପ୍ରୋତ୍ସାହିତ କରିଛନ୍ତି।



### କନିଷ୍ଠ ଯନ୍ତ୍ରୀ, ସରପଞ୍ଚଙ୍କ ସ୍ୱାମୀଙ୍କ ମଧ୍ୟରେ ବିବାଦ

**ସାକ୍ଷୀଗୋପାଳ,୫।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

ସତ୍ୟବାଦୀ ବ୍ଲକ ଅଧୀନ ବୀରରାମଚନ୍ଦ୍ରପୁର ସରପଞ୍ଚଙ୍କ ସ୍ୱାମୀ ଓ ସତ୍ୟବାଦୀ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର କୌଣସି କାରଣରୁ ବିବାଦ ସୃଷ୍ଟି ହୋଇ ଉଗ୍ରରୂପ ନେଇଥିଲା। ଘଟଣା ଘଟିବା ପରେ କନିଷ୍ଠ ଯନ୍ତ୍ରୀ ସତ୍ୟବାଦୀ ବିଡିଓ ଲିପ୍ସା ରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ଏବଂ ସରପଞ୍ଚ ଫୋନ ମାଧ୍ୟମରେ ଘଟଣା ସମ୍ପର୍କରେ ଜଣାଇଥିଲେ। ଘଟଣାର ତଦନ୍ତ କରିବା ନିମନ୍ତେ ଯନ୍ତ୍ରୀଙ୍କ ଅଭିଯୋଗକୁ ସତ୍ୟବାଦୀ ଥାନାକୁ ପଠାଯାଇଛି ବୋଲି ବିଡିଓ ଲିପ୍ସା ରାୟ ପ୍ରକାଶ କରିଛନ୍ତି। ଅନ୍ୟପଟେ କେଉଁ କାରଣରୁ ଏହି ବିବାଦ ସୃଷ୍ଟି ହୋଇଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।



ରାଜସ୍ଥାନ ବିକାନେରରୁ ଶ୍ରୀରାମ ରଥ ବାହାରି ପୁରୀରେ ଶୁକ୍ରବାର ପହଞ୍ଚିଛି। ଏହାକୁ ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଗତ କରାଯାଇଛି। ଆଳିପଡ଼ାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ରଥ ପହଞ୍ଚିବା ପରେ ସେଥିରେ ଆସିଥିବା ସାଧୁସନ୍ଥଙ୍କୁ ଟ୍ରଷ୍ଟ ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଜୀ ସ୍ୱାଗତ କରିଥିଲେ। ଏହି ଅବସରରେ ଗୋବିନ୍ଦ ଗୋଧାମ ପରିସରରେ ନବ ଦିନାତ୍ମକ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଶୁଭାରମ୍ଭ ହୋଇଛି।

## ସମାଧାନ ପାଇଁ ଦ୍ୱିତୀୟ ପ୍ଲାନ୍ ରହିଛି: ମୁଖ୍ୟ ଶାସନ ସଚିବ

**ପୁରୀ, ୫।୧(ଅଜିତ୍ ମହାନ୍ତି):**

**ରାସ୍ତା ସିଲ୍ ଯୋଗୁ ଲୋକେ ହଇରାଣ ପ୍ରସଙ୍ଗ**

ଏସି ଶେଡ୍ ବା ଟନେଲ ନିର୍ମାଣ ପରେ ପ୍ରଶାସନ ପକ୍ଷରୁ ଦୋଳବେଦି କୋଣ ଓ ଶ୍ରୀକୃଷ୍ଣ ସିନେମା ହଲ ଛକକୁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ କରାଯାଇ ସିଲ୍ କରାଯାଇଛି। ଫଳରେ ସ୍ଥାନୀୟ ବାସିନ୍ଦା ଯାତାୟାତ ନେଇ ହଇରାଣ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ସବୁ ପ୍ଲାନ୍‌ର ଆଉ ଗୋଟିଏ ବି ପ୍ଲାନ ରହିଥାଏ। ଶ୍ରୀମନ୍ଦିର ପଛପାର୍ଶ୍ୱରେ ରହୁଥିବା ସାହିବାସିନ୍ଦା ଯାତାୟାତରେ ଯେଉଁ ହଇରାଣ ହେଉଛନ୍ତି, ତାହାର ସାମାଧାନ ହୋଇପାରିବ। ଯେଉଁ ବଡ଼ କାର୍ଯ୍ୟ ପାଇଁ ପ୍ଲାନ କରାଯାଏ, ସେଥିରେ ଯେପରି କିଛି ତ୍ରୁଟି ନ ରହେ ସେଥିଲାଗି ଦ୍ୱିତୀୟ ପ୍ଲାନ କରାଯାଇଥାଏ। ତାହା କରାଯାଇଛି। ଏନେଇ ଜିଲାପାଳ ଏବଂ ଏସ୍‌ପିଙ୍କ ସହିତ ଆଲୋଚନା କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ତେବେ ପ୍ଲାନ କ'ଣ ରହିଛି ସେ ସମ୍ପର୍କରେ ପଚାରିବାରୁ ବର୍ତ୍ତମାନ କହିବା ଉଚିତ୍ ନୁହେଁ ବୋଲି ଜେନା କହିଥିଲେ। ସେହିପରି ସେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବାରୁ ଏ ସମ୍ପର୍କରେ କହିବା ଠିକ୍ ନୁହେଁ ବୋଲି ମତ ଦେଇଛନ୍ତି। ଅନ୍ୟ ସମସ୍ତ ବିଷୟରେ ଜିଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରିସାରିଛି ବୋଲି ସେ କହିଥିଲେ।

## ପ୍ରିୟାନ୍ୱି ପକ୍ଷରୁ ନିରାଶ୍ରୟଙ୍କୁ ଶୀତବସ୍ତ୍ର ବଣ୍ଟନ



**ସାକ୍ଷୀଗୋପାଳ,୫।୧(ଭରତ ରାଉତ):**

ପ୍ରିୟାନ୍ୱି ଏଣ୍ଟରପ୍ରାଇଜେସ୍ ପକ୍ଷରୁ ସତ୍ୟବାଦୀ ଅଞ୍ଚଳର ଗଡ଼ବଳରାମପୁର ପଞ୍ଚାୟତରେ ଶୁକ୍ରବାର ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟାଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ମାଝି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବସନ୍ତ ମହାପାତ୍ର, ସନ୍ଧ୍ୟାବତୀ ପ୍ରଧାନ, ମଦନମୋହନ ପରିଡ଼ା ଯୋଗଦେଇଥିଲେ। ବସନ୍ତ ସ୍ୱାଇଁ, ପବିତ୍ର ପରିଡ଼ା, ବାଦଲ, ପ୍ରଫୁଲ୍ଲ ପରିଡ଼ା, କୈଳାସ ଚନ୍ଦ୍ର ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

### ୨୫ରେ ମହୋଦଧି ଆରତି

**ପୁରୀ, ୫।୧(ଅଜିତ୍ ମହାନ୍ତି):**

ଆସନ୍ତା ୨୫ ତାରିଖ ଅପରାହ୍ନରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରକୂଳରେ ମହୋଦଧି ଆରତି ଉତ୍ସବ ପାଳନ କରାଯିବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ଭବ୍ୟ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱକୁ ଠିକ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ରଘୁବର ଦାସଙ୍କ ସମେତ ବହୁ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ତୀର୍ଥରାଜ ଶ୍ରୀମହୋଦଧି ଆରତି ପରିଚାଳନା ସମିତିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କହିଥିଲେ। ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ବିଦ୍ୟୁତ ଯୋଗାଣ, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନ, ଲାଇଫ ଗାର୍ଡ ନିୟୋଜନ ଇତ୍ୟାଦି ସମ୍ପର୍କରେ ବିଭିନ୍ନ ବିଭାଗ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡାଙ୍କ ସହ ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟିୟରିଂ ଛାଡ଼ି ପରିବା ବିକିଲେ ଡ୍ରାଇଭର

**ଗୋପ,୫।୧(ଭାରତୀ ଭୂଷଣ ଉପାଧ୍ୟାୟ):**

କେନ୍ଦ୍ର ସରକାରଙ୍କ ଆଇନକୁ ବିରୋଧ କରି ସାରା ଦେଶରେ ଲକ୍ଷ ଲକ୍ଷ ଡ୍ରାଇଭର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ଏହାରି ଭିତରେ ନିଜର ପେଟ ପାଟଣା ଓ ପରିବାର ଚିନ୍ତା ପାଇଁ କିଛି ଡ୍ରାଇଭର ଏକାଠି ହୋଇ ପରିବା ଦୋକାନ କରି ଜୀବିକା ନିର୍ବାହ ପନ୍ଥା ଆପଣେଇଛନ୍ତି। ଏଭଳି ଘଟଣା ଗୋପ ବଜାରରେ ଦେଖିବାକୁ ମିଳିଛି। କେତେଜଣ ଡ୍ରାଇଭର ଅଭିଯୋଗ କରିଛନ୍ତି, ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିଥିବାବେଳେ ନିଜର ପେଟ ପାଟଣା ଓ ପରିବାର ପ୍ରତି ପୋଷଣ ସେମାନେ ସାଙ୍ଗ ହୋଇ ଗୋପ ବଜାରରେ ପରିବା ଦୋକାନ କରିଛନ୍ତି। ଗାଡ଼ି ମଟର ବନ୍ଦ ଥିବାରୁ ବାହାରୁ ପରିବା ଆସିପାରୁନି। ସେମାନେ ସ୍ଥାନୀୟ ଅଞ୍ଚଳରୁ ତଟକା ଓ ବିଭିନ୍ନ ପରିବା ଆଣି ବଜାରରେ ବିକ୍ରି କରୁଛନ୍ତି। ସେମାନେ ଆହୁରି କହିଛନ୍ତି, ଦୁର୍ଘଟଣା ଆକସ୍ମିକ ହୋଇଥାଏ। କେହି ଜାଣିକରି କରେ ନାହିଁ। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ସହିତ ୧୦ ବର୍ଷ ଜେଲ୍ ଦଣ୍ଡକୁ ଯେ ପର୍ଯ୍ୟନ୍ତ ସରକାର ଉଠାଇ ନାହାନ୍ତି, ସେ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି।



ଜଣେ ଡ୍ରାଇଭର ପରିବା ବିକୁଛନ୍ତି ।

## ପ୍ରତି ଘରୁ ଗୁଆ, ଚାଉଳ ସଂଗ୍ରହ ହୋଇ ପୁରୀ ପଠାଯିବ

**ଗାଁରେ ବୁଲିବ ଶ୍ରୀଜଗନ୍ନାଥ ପ୍ରଚାର ରଥ**

**ଅସ୍ତରଙ୍ଗ,୫।୧(ପ୍ରଦୀପ୍ତ ଦୀକ୍ଷିତ):**

ଆସନ୍ତା ଜାନୁଆରୀ ୧୭ରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଯେପରି ସାରା ଓଡ଼ିଶା ଜଗନ୍ନାଥମୟ ହେବ, ସେଥିପାଇଁ ରାଜ୍ୟ ସରକାର ପ୍ରତି ଗାଁରେ ଶ୍ରୀଜଗନ୍ନାଥ ପ୍ରଚାର ରଥ ବୁଲାଇବାକୁ ଯୋଜନା କରିଛନ୍ତି। ଏଥିପାଇଁ ଶୁକ୍ରବାର ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ମୁଖ୍ୟବକ୍ତା ବିଡିଓ ଶ୍ରୀକର୍ଣ୍ଣଦେବ ସମାଦ୍ଦାର, ସମ୍ମାନିତ ଅତିଥି ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ୍, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ନାୟକ, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପରିକ୍ରମା ପ୍ରକଳ୍ପ ପାଇଁ ଅସ୍ତରଙ୍ଗ ବ୍ଲକର ସବୁ ପଞ୍ଚାୟତରେ ଶ୍ରୀଜଗନ୍ନାଥ ପ୍ରଚାର ରଥ ବୁଲିବ, ଭଜନ କୀର୍ତ୍ତନ ହେବ, ଘରକୁ ଘର ବୁଲି ଗୁଆ, ଚାଉଳ ସଂଗ୍ରହ କରାଯିବ ବୋଲି ଆଲୋଚନାରେ ବିଡିଓ ସମାଦ୍ଦାର ସୂଚନା ଦେଇଥିଲେ। ଏହାକୁ ପ୍ରଥମେ ପଞ୍ଚାୟତର ଏକ ମନ୍ଦିରରେ ରଖାଯିବ। ପରେ ବ୍ଲକ ମୁଖ୍ୟାଳୟ ମନ୍ଦିରରେ ରଖାଯାଇ ଜାନୁଆରୀ ୧୭ରେ ଏହି ଗୁଆ-ଚାଉଳକୁ ପୁରୀ ପଠାଯିବ। ଲୋକାର୍ପଣ ଉତ୍ସବକୁ ଯେପରି ରାଜ୍ୟବାସୀ ଦେଖିପାରିବେ ସେଥିପାଇଁ ପଞ୍ଚାୟତସ୍ତରରେ ଏଲ୍‌ଇଡି ଲଗାଯାଇ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ କରାଯିବ। ଏହି ସବୁ କାର୍ଯ୍ୟକ୍ରମ ପାଇଁ ପଞ୍ଚାୟତସ୍ତରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ଯୋଗାଇ ଦିଆଯିବ। ତାହା ସହ ପ୍ରତି ପଞ୍ଚାୟତ ଗାଁଲୋକ ଯେପରି ଏହି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସାମିଲ ହେବେ, ସେଥିପାଇଁ ସରକାର ପ୍ରତି ଗ୍ରାମପଞ୍ଚାୟତରୁ ଲୋକଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ପୁରୀ ଯିବା ବ୍ୟବସ୍ଥା କରିବେ। ଏଥିସହ ସେମାନଙ୍କ ରହିବା ଓ ଖାଇବା ଖର୍ଚ୍ଚ ମଧ୍ୟ ବହନ କରିବେ। ୧୭ତାରିଖ ପରେ ପ୍ରତ୍ୟେକ ପଞ୍ଚାୟତରୁ ବଛା ବଛା ଲୋକଙ୍କୁ ପୁରୀ ନେଇ ଜଗନ୍ନାଥ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ଦେଖାଯିବ। ଏହି ସମସ୍ତ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପ୍ରୟାସ ଅନ୍ତର୍ଗତ ହେବ। ଏହି କାର୍ଯ୍ୟକ୍ରମ କରିବାକୁ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ବୈଠକରେ ପ୍ରତ୍ୟେକ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବ୍ଲକର ସମସ୍ତ କର୍ମଚାରୀ, ଗ୍ରାମ ସେବକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ବିଡିଓ ଶ୍ରୀକର୍ଣ୍ଣଦେବ ସମାଦ୍ଦାର ଏବଂ ଅନ୍ୟମାନେ ।

# 'ଛାତ୍ରୀଛାତ୍ରଙ୍କ ପ୍ରତିଭା ବାହାରକୁ ଆଣୁଛି ନୂଆ-ଓ'




କଟକ ବାଲିଯାତ୍ରା ତଳପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରୁଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**କଟକ,୫।୧(କାର୍ତ୍ତିକ ସାହୁ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କ ପାଇଁ କେତେ ସୁବିଧା, ଯୋଜନା କରୁଛନ୍ତି। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରୁ ବହୁତ ସଫଳତା ମିଳିଥିବାରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଉଚ୍ଚ ଶିକ୍ଷାନୁଷ୍ଠାନରେ କରାଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବାହାରକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର ଜିଲାସ୍ତରୀୟ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ଯୁକ୍ତ୨ ଓ ଯୁକ୍ତ୩ ଶିକ୍ଷା ବ୍ୟବସ୍ଥା ୫-ଟି ଅଧୀନକୁ ଯାଇଛି। ଫଳରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍‌ରୁମ୍, ସ୍ମାର୍ଟ ଲାଇବ୍ରେରି ଆଦି କରାଯାଇଛି। ମୁମ୍ବାଇ, ଦିଲ୍ଲୀ ଭଳି ଓଡ଼ିଶାର ପିଲାମାନେ ବି ଅନୁରୂପ ଶୈଳୀରେ ଶିକ୍ଷାଦାନର ସୁବିଧା ପାଇପାରୁଛନ୍ତି। ଭାରତରେ ଖେଳର ରାଜଧାନୀ ହୋଇଛି ଓଡ଼ିଶା। ପାଠପଢ଼ା ସାଙ୍ଗକୁ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟ ବି ଆବଶ୍ୟକ। ଶାରୀରିକ ସୁସ୍ଥତା ସହିତ ମାନସିକ ସୁସ୍ଥତା ଅନୁରୂପ ଭାବେ ଦରକାର ବୋଲି ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

## ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ

ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅମିତ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ଶ୍ରୀଗଣେଶ ଦେବା ସଙ୍ଗୀତରେ ସମବେତ ନୃତ୍ୟରୁ ଆରମ୍ଭ ହୋଇଥିଲା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ। ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଲକ୍ଷ୍ମୀନୃସିଂହ ବନ୍ଦନାରେ ଏକକ ଓଡ଼ିଶୀ ନୃତ୍ୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସମବେତ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ମଳୟ ରଞ୍ଜନ ପରିଡ଼ା ଓ ବିଶାଳ ମହାନ୍ତିଙ୍କ ହାସ୍ୟ ଅଭିନୟ ସାଙ୍ଗକୁ ଏ. ଅରୁଣ ପାତ୍ରଙ୍କ ମ୍ୟାଜିକ ସୋ ଛାତ୍ରୀଛାତ୍ରଙ୍କୁ ଭରପୁର ମନୋରଞ୍ଜନ କରିଥିଲା। ଏଥିସହ ଏସ୍‌ସିବି ନର୍ସିଂ ସ୍କୁଲ ପକ୍ଷରୁ ମରାଠୀ ଲୋକନୃତ୍ୟ, ଖ୍ରୀଷ୍ଟ ମହାବିଦ୍ୟାଳୟ ପକ୍ଷରୁ ସେମି କ୍ଲାସିକାଲ ନୃତ୍ୟ, ବୀରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଏକକ ଶାସ୍ତ୍ରୀୟ ନୃତ୍ୟ ଓ ଗୋପବନ୍ଧୁ ମହିଳା ଉଚ୍ଚତର ବିଦ୍ୟାଳୟ ପକ୍ଷରୁ ଦଳଗତ ଲୋକନୃତ୍ୟ ପରିବେଷିତ ହୋଇଥିଲା। ସୋନମ ଦାସଙ୍କ ପକ୍ଷରୁ ମ୍ୟୁଜିକାଲ ବ୍ୟାଣ୍ଡ ଅନ୍ୟତମ ଆକର୍ଷଣ ସାଜିଥିଲା। ରିମ୍‌ଝିମ୍ ପାନି, ନାଗିନ ନାଗିନ, ମେଁ ନିକଲା ଗାଡ଼ି ଲେକେ, କଳା ଚଷମା, ତୁନେ ମେରି, ଅଭି ତୋ ପାର୍ଟି, ଚିମନି ଚମେଲି ଆଦି ସଙ୍ଗୀତର ଧୂନ୍‌ରେ ମସ୍‌ଗୁଲ୍ କରିଥିଲେ ସୋନମ୍। ଏହି ଅବସରରେ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ ନୂଆ-ଓ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଚେକ୍ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା, କଟକ ଜିଲାପାଳ ନରହରି ସେଠୀ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲଙ୍କ ସମେତ ଜିଲା ପ୍ରଶାସନର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସରକାରୀ ଅର୍ଥରେ ଦଳୀୟ ପ୍ରଚାର: ଭାଜପା

**କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ)**

ଜନସାଧାରଣଙ୍କ ଟିକସ ଅର୍ଥକୁ ଅପବ୍ୟବହାର କରି ଦଳୀୟ ଭିତ୍ତିରେ ଖର୍ଚ୍ଚ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ଏନେଇ କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି, କଟକ ବାଲିଯାତ୍ରା ତଳ ଏବଂ ଉପର ପଡ଼ିଆରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସ୍ୱାର୍ଥ ଓ ପ୍ରଚାର ପ୍ରସାର ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରୁ ନାହାନ୍ତି। ଲୋକଙ୍କ ଅର୍ଥକୁ ଦଳୀୟ ଭିତ୍ତିରେ ଖର୍ଚ୍ଚ କରିବା ପାଇଁ ଜିଲାପାଳ ଉତ୍ତରଦାୟୀ ରହିଛନ୍ତି। ୨୦୧୯ ନିର୍ବାଚନରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ସହରବାସୀ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବିଜେଡି ଅନେକ କୋଟି ଟଙ୍କା ଖର୍ଚ୍ଚ କରି ଦଳୀୟ କପ୍ରଚାର କରୁଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜନସାଧାରଣଙ୍କର ଟିକସ ଅର୍ଥକୁ ଯେପରି ବିନିଯୋଗ କରାଗଲା ତାହା ଦୁର୍ଭାଗ୍ୟଜନକ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟକ୍ରମ କରାଯାଉଛି। ସରକାରଙ୍କ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୩୩୯୭ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ୬୭୪୯ ପଞ୍ଚାୟତର ଉନ୍ନତୀକରଣ ଯଥା ମହିଳା ସଶକ୍ତୀକରଣ, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା, ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ବ୍ୟବସ୍ଥା ପାଇଁ ଏହି ଅର୍ଥ ଉଦ୍ଦିଷ୍ଟ। ହେଲେ ଏହାକୁ ଦଳୀୟ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଉଛି, ଯାହାର ଉଦାହରଣ କଟକ ସହରରେ ଶୁକ୍ରବାର ଦେଖିବାକୁ ମିଳିଥିବା ସ୍ମୃତି କହିଛନ୍ତି। ଏନେଇ କଟକ ଜିଲାପାଳ ନରହରି ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ କର୍ପୋରେଟର ନୀରୋଦ ପଣ୍ଡା, ପୂର୍ବତନ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ଭାଜପା ନେତା ସାକ୍ଷ୍ୟ ସିଂ ମିଶ୍ରଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ରହିଥିଲେ।

# ଏସ୍‌ସିବିରେ ପଦ୍ମଶ୍ରୀ କମଳା ପୂଜାରୀ



ସିଏମ୍‌ସି ମେୟର ସୁବାସ ସିଂ ଏସ୍‌ସିବିରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

**କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ)**

ପଦ୍ମଶ୍ରୀ କମଳା ପୂଜାରୀ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଭେଷଜ ବିଭାଗ ଆଇସିୟୁରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ତାଙ୍କ ଚିକିତ୍ସା ପାଇଁ ଏସ୍‌ସିବି ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଛି। ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଦଳରେ ନେଫ୍ରୋଲୋଜି, ୟୁରୋଲୋଜି ଏବଂ ରେସ୍ପିରେଟୋରି ମେଡିସିନ ବିଭାଗର ଡାକ୍ତର ରହିଛନ୍ତି। ପଦ୍ମଶ୍ରୀ ପୂଜାରୀ ପୂର୍ବରୁ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ଏହାଛଡ଼ା ସେ ନିମୋନିଆରେ ଆକ୍ରାନ୍ତ ହୋଇଥିବାବେଳେ ଉଚ୍ଚ ରକ୍ତଚାପ ଏବଂ ରକ୍ତହୀନତା ଥିବା ଜଣାପଡିଛି। ତାଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି ବୋଲି ଡା. ପଣ୍ଡା କହିଛନ୍ତି। ଖବରପାଇ କଟକ ମହାନଗର ନିଗମ ମେୟର ସୁବାସ ସିଂ ମେଡିକାଲରେ ପହଞ୍ଚି ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୂଚନା ଅନୁଯାୟୀ, କମଳା ଅସୁସ୍ଥ ହେବାରୁ ଚିକିତ୍ସା ଲାଗି ତାଙ୍କୁ ଜୟପୁରସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କୁ ଅଧିକ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭାରତ ବିକଶିତ ସଂକଳ୍ପ ଯାତ୍ରା ରଥ ଭଙ୍ଗାରୁଜା

**ଆଠଗଡ,୫।୧(ସତ୍ୟ ପ୍ରସାଦ ରଥ)**

ଭାରତ ବିକଶିତ ସଂକଳ୍ପ ଯାତ୍ରା ରଥକୁ ଆଠଗଡ଼ ବ୍ଲକର ସଠିଲୋ ପଞ୍ଚାୟତରେ ଶୁକ୍ରବାର ଭଙ୍ଗାରୁଜା କରାଯାଇଛି। ଏନେଇ ଗାଡ଼ି ଚାଳକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ରଥ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସଠିଲୋ ପଞ୍ଚାୟତରେ ପହଞ୍ଚିଥିଲା। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଉକ୍ତ ରଥରେ ଲାଗିଥିବା ଏଲ୍‌ଇଡି ଭଙ୍ଗାରୁଜା କରିବା ସହ ଫ୍ଲେକ୍ସ ଚିରି ସେଠାରେ ଥିବା କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଅଭିଯୋଗ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି କହିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ଅପରପକ୍ଷେ ଆଠଗଡ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇ ଘଟଣାକୁ ନିନ୍ଦା କରାଯିବା ସହ ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ରଥ ଭଙ୍ଗାରୁଜା କରାଯାଇଥିଲା। ଏହାସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରା ନ ଗଲେ ଆଗାମି ଦିନରେ ଆନ୍ଦୋଳନ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟ,ଆଠଗଡ ବିଧାନସଭା ମଣ୍ଡଳି ସଂଯୋଜକ ବିକ୍ରମ ଦାଶ, ଜଗଦାନନ୍ଦ ତ୍ରିପାଠୀ, ବିଚିତ୍ରାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# 'ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରକ୍ଷା ପାଇଁ କାମ କର'



ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ଓ ଅନ୍ୟମାନେ।

**କଟକ,୫।୧(କାର୍ତ୍ତିକ ସାହୁ/ ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବାଲିଯାତ୍ରା ଉପର ପଡ଼ିଆରେ ଶୁକ୍ରବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଛନ୍ତି, କଟକ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଜନ୍ମମାଟି। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ଦିନରାତି କାମ କରୁଛନ୍ତି। ଆପଣମାନେ ବି ତାଙ୍କର ସମ୍ମାନ ରଖିବା ପାଇଁ କାର୍ଯ୍ୟ କରିବେ। ଏଥିସହ ସେ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି ସମ୍ମିଳନୀରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ସୌଭିକ୍ ବିଶ୍ୱାଳ, ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ ବେହେରା, ପ୍ରମୋଦ ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଜିଲା ପରିଷଦ ସଭାପତି କିଶୋର ମିଶ୍ର, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ପୂର୍ବତନ ନଗର ସଭାପତି ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇଥିଲେ। ହେଲେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଏଠାରେ ଦେଖିବାକୁ ମିଳି ନ ଥିଲା। ଭର୍ତ୍ତୃହରି ବ୍ୟକ୍ତିଗତ କାର୍ଯ୍ୟରେ ଦିଲ୍ଲୀ ଯାଇଥିବାରୁ ଉକ୍ତ ସମ୍ମିଳନୀରେ ଯୋଗ ଦେଇପାରି ନ ଥିବା ଦଳର ଜଣେ ନେତା କହିଛନ୍ତି। ସମଗ୍ର ଜିଲାରୁ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

# କାର୍ଯ୍ୟକ୍ରମ ପାଇଁ ଦୋକାନ ବନ୍ଦ

**କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବାଲିଯାତ୍ରା ତଳପଡିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଏବଂ ଉପର ପଡ଼ିଆରେ ବିଜେଡି କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ବହୁସଂଖ୍ୟକ କର୍ମୀ ଓ କଲେଜ ଛାତ୍ରୀଛାତ୍ର ଯୋଗଦେଇଥିଲେ। ତେବେ ଭିଡକୁ ଦୃଷ୍ଟିରେ ରଖି ସକାଳୁ ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଥିବା ଦୋକାନକୁ ପୋଲିସ ପକ୍ଷରୁ ବନ୍ଦ କରାଯାଇଥିଲା। ଏହାଦ୍ୱାରା ବ୍ୟବସାୟ ବାଧାପ୍ରାପ୍ତ ହେବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାରବାଟୀ ଷ୍ଟାଡିୟମ ଅଞ୍ଚଳର ଜଣେ ବ୍ୟବସାୟୀ ପରିଚୟ ଗୋପନ ରଖି କହିଛନ୍ତି, ସରକାରୀ ଅଥବା ଦଳୀୟ କାର୍ଯ୍ୟକ୍ରମ କରିବାରେ ଅସୁବିଧା ନାହିଁ। ଷ୍ଟାଡିୟମ ଅଞ୍ଚଳ ସର୍ବଦା ଜନଗହଳି ରହିଥାଏ। ହେଲେ କାର୍ଯ୍ୟକ୍ରମ ପାଇଁ ଦୋକାନ ବନ୍ଦ କରିବାରୁ ଆମକୁ ଅସୁବିଧା ହୋଇଥିଲା।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସହାୟତା



**କଟକ,୫।୧(କାର୍ତ୍ତିକ ସାହୁ)**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବରିଷ୍ଠ ବିତରକ ଧ୍ରୁବ ଚରଣ ବେହେରାଙ୍କୁ ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବେହେରା କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଅପରାହ୍ନରେ ସଂଘର କର୍ମକର୍ତ୍ତାମାନେ ବିଡ଼ାନାସୀସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସଂଘର ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲ୍ ସଂଯୋଜକ ପ୍ରଭାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଣାକାର, ପ୍ରକଳ୍ପଧାରୀଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ



**ବଡ଼ମ୍ବା,୫।୧(ମାୟାଧର ମଲ୍ଲିକ):** ମାଣିଆବନ୍ଧ ଫୁର୍ତ୍ତି କ୍ଲଷ୍ଟର ଆନୁକୂଲ୍ୟରେ ଏକ ଉଦ୍ୟୋଗୀ ବିକାଶ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଜିଲା ଶିଳ୍ପ କେନ୍ଦ୍ର, କଟକ ଜେନେରାଲ ମ୍ୟାନେଜର ତରୁଣକାନ୍ତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ବଡ଼ମ୍ବାର ବରିଷ୍ଠ ଖବରଦାତା ମନୋଜ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଶିଳ୍ପ ବିକାଶ ଅଧିକାରୀ ଦିଲୀପ କୁମାର ବାରିକ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପିଏମ୍‌ଇଜିପି, ପିଏଆରଆଇ ଓ ପିଏମ୍‌ଇଏଫ ଯୋଜନା ମାଧ୍ୟମରେ ବୁଣାକାର ଓ ପ୍ରକଳ୍ପଧାରୀମାନଙ୍କୁ ବ୍ୟାଙ୍କ ଜରିଆରେ ରିହାତି ଋଣ ମଞ୍ଜୁର କରାଯାଇ କିପରି ସ୍ୱାବଲମ୍ବୀ କରାଯାଇପାରିବ ତାହା ଏହି ତାଲିମ ଶିବିରର ମୂଳଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ତାଲିମ ଶିବିରରେ ୧୦ଜଣ ମହିଳା ଓ ୨୦ଜଣ ପୁରୁଷ ଅଂଶଗ୍ରହଣ କରିଛନ୍ତି। ଶିବିରକୁ ଫୁର୍ତ୍ତି କ୍ଲଷ୍ଟର ବିକାଶ ଅଧିକାରୀ ସଚିପ କୁମାର ରାଉତ ପରିଚାଳନା କରିଥିଲେ।

# ପ୍ରଥମ ଦିନରେ ମଣ୍ଡିରୁ ୧୯୬ କୁଇଣ୍ଟାଲ ଧାନ ସଂଗ୍ରହ

**ବାଙ୍କୀ,୫।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ରାମଚନ୍ଦ୍ରପୁର ସେବାସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲାଯାଇଛି। ଏହାକୁ ବାଙ୍କୀ ସମବାୟ ସର୍କଲ ଏଆରସିଏସ୍ ସୁରେନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ସେବାସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଧାନ ମଣ୍ଡି ଖୋଲାଯାଇ ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କ ଠାରୁ ୧୯୬ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି। ସେବା ସମବାୟ ସମିତି ସମ୍ପାଦକ ସୌମ୍ୟରଞ୍ଜନ ଦାସ ଓ ସେବା ସମବାୟ ସମିତିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଧାନ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ।

# ୧୦ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି)ର ୪୭ ନଂ. ୱାର୍ଡ ଅଧୀନ ମହାନଦୀ ବିହାରର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଗୋଟିଏ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ କର୍ପୋରେଟର ଇଂ. ସୁବ୍ରତ ଘଡାଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ୬୦ ଲକ୍ଷ ବ୍ୟୟରେ ୫ଟି ରାସ୍ତା, ୩୦ ଲକ୍ଷ ବ୍ୟୟରେ ଦୁଇଟି ଡ୍ରେନ୍, ଦୁଇଟି ମନ୍ଦିର(ବାଟମଙ୍ଗଳା ଓ ବାଉତି ଠାକୁରାଣୀ)ର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରାଯାଇଥିବାବେଳେ ଏଲ୍.ଆର୍. ଡିଏଭି ସ୍କୁଲ ନିକଟରେ ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଲ୍.ଆର୍. ଡିଏଭି ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ନିରଞ୍ଜନ ସ୍ୱାଇଁ, ଇଂ. ଗୋପାଳକୃଷ୍ଣ ବେହେରା, ଏମ୍‌ଡିଏ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସରୋଜ ପ୍ରସାଦ ସ୍ୱାଇଁ, ଇଂ. ରମେଶ ଚନ୍ଦ୍ର ରାଉତ, ସଞ୍ଜୟ ଜେନା, ମନୋଜ ସାହୁ, ସୁଶୀଲ ସାମଲ, ସୁଶାନ୍ତ କୁମାର ଘୋଷ, ଲିନା ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଏଆଇଜି ଟିମ୍, ୭ ରୋଗୀଙ୍କ ସ୍କ୍ରିନିଂ

**କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ)**



ଏସ୍‌ସିବି ମେଡିକାଲରେ ଲିଭର ପ୍ରତିରୋପଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ହାଇଦ୍ରାବାଦର ଏଆଇଜି ଟିମ୍ ପହଞ୍ଚିଛନ୍ତି। ହାଇଦ୍ରାବାଦ ଏଆଇଜି ଲିଭର୍ ଟ୍ରାନ୍ସପ୍ଲାଣ୍ଟର ନିର୍ଦ୍ଦେଶକ ପି. ବାଲ୍‌ଚନ୍ଦ୍ରନ ମେନନ୍, ଉପସଭାପତି ସନ୍ତୋଷ କୁମାର ସାହୁ ଏସ୍‌ସିବି ମେଡିକାଲର ହେପାଟୋଲୋଜି ବିଭାଗରେ ୭ ଜଣ ରୋଗୀଙ୍କ ସ୍କ୍ରିନିଂ କରିବା ସହ ଲିଭର ପ୍ରତିରୋପଣ ପାଇଁ ଉପଯୁକ୍ତ ଥିବା ଅନୁଭବ କରିଛନ୍ତି। ଏପରିକି ଗ୍ରହୀତା ଓ ଦାତାଙ୍କ ସହିତ ଆଲୋଚନା କରିଛନ୍ତି। ସ୍କ୍ରିନିଂ କରାଯାଇଥିବା ରୋଗୀମାନେ ଲିଭର ପ୍ରତିରୋପଣ ପାଇଁ ଯୋଗ୍ୟ ଥିବା ଉକ୍ତ ଟିମ୍ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଏଥିସହ ଆଇସିୟୁ, ମଡ୍ୟୁଲାର ଓଟି, ପ୍ରତିରୋପଣ ବ୍ୟବସ୍ଥା ପାଇଁ ହୋଇଥିବା ଭିତ୍ତିଭୂମି ଦେଖି ଟିମ୍ ସନ୍ତୋଷ ପ୍ରକାଶ କରିଥିଲା। ପରେ ଏସ୍‌ସିବି ମେଡିକାଲ ଡିନ୍ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର, ମନୋଜ କୁମାର ପଟ୍ଟନାୟକ, ଲିଭର ପ୍ରତିରୋପଣ ବିଭାଗର ନୋଡାଲ ଅଫିସର ରୋଜେଶ କୁମାର ଦୋରା, ପ୍ରଫେସର ପ୍ରତିମା ସାହୁ, ପ୍ରମୋଦ ପଲେଇ, ପ୍ରଭାକର ମିଶ୍ର, ଧରିତ୍ରୀ ମହାପାତ୍ର, ସୁଶାନ୍ତ କୁମାର ଜେନା, ପ୍ରଫେସର ପ୍ରତିମା ସାହୁଙ୍କ ସମେତ ୧୭ଟି ବିଭାଗର ଡାକ୍ତରଙ୍କୁ ନେଇ ଆଲୋଚନା କରିଛନ୍ତି। ବିଶେଷକରି ଲିଭର ପ୍ରତିରୋପଣ ବ୍ୟବସ୍ଥାର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଗତମାସ ୧୭ ତାରିଖରେ ପ୍ରତିରୋପଣ ବ୍ୟବସ୍ଥାର ନୋଡାଲ ଅଫିସର ଡା. ଉମାକାନ୍ତ ଶତପଥୀଙ୍କ ନେତୃତ୍ୱରେ ଏଆଇଜି ଟିମ୍ ପହଞ୍ଚି ସେଠାକାର ଚେୟାରମ୍ୟାନ୍ ଡି.ଏନ୍. ରେଡ୍ଡିଙ୍କ ସମେତ ବିଶେଷଜ୍ଞ ଡାକ୍ତରମାନଙ୍କ ସହିତ ପ୍ରତିରୋପଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# '୧୧ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କର'

## ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

- ସାଟେଲାଇଟ୍ ଜରିଆରେ ଉତ୍ସବର ପ୍ରସାରଣ କରାଯିବ
- ସ୍ୱତନ୍ତ୍ର ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ, ୫।୧ (ଅଜିତ୍ ମହାନ୍ତି)



ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଲୋକାର୍ପଣ ଉତ୍ସବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟ ସମାପନ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବେ। ଉତ୍ସବରେ ରାଜ୍ୟ ତଥା ଦେଶ ଏପରିକି ଦେଶ ବାହାରୁ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ଉତ୍ସବ କିପରି ଭବ୍ୟ ତଥା ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ବିଶେଷ ଧ୍ୟାନ ଦିଆଯାଉଛି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ପୁରୀ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଟିମ୍ ସମଙ୍ଗ ଓ ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳ, ଶ୍ରୀଦାଣ୍ଡ, ଶ୍ରୀସେତୁ ଓ ପରିକ୍ରମା ପଥକୁ ଯାଇ କ୍ଷେତ୍ର ପରିଦର୍ଶନ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲା। ପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚାଲିଥିବା କାର୍ଯ୍ୟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଡେଡ୍‌ଲାଇନ ଦିଆଯାଇଛି। ଲୋକାର୍ପଣ ଉତ୍ସବ ନିମନ୍ତେ ୧୨ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ତେଣୁ ୧୧ ତାରିଖ ଭିତରେ ପରିକ୍ରମା ପ୍ରକଳ୍ପର ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ସୁରକ୍ଷା ଦୃଷ୍ଟିକୋଣରୁ ୧୪ ତାରିଖ ସୁଦ୍ଧା ପ୍ରକଳ୍ପକୁ ପୋଲିସ ବିଭାଗ ନିଜ ନିୟନ୍ତ୍ରଣକୁ ନେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ନାଗରିକଙ୍କ ସୁବିଧା ଏବଂ କିଭଳି ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିର୍ମାଣ କାର୍ଯ୍ୟ, ପରିମଳ, ଯାନବାହନ ଚଳାଚଳ, ପାନୀୟଜଳ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଭୃତି ପ୍ରସଙ୍ଗରେ ଆଲୋଚନା ହୋଇଛି। ସାଟେଲାଇଟ ଜରିଆରେ ଉତ୍ସବର ପ୍ରସାରଣ କରାଯିବ। ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏହି ସମୟରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଟ୍ରାଫିକ ନିୟନ୍ତ୍ରଣ ଓ ପାର୍କିଂ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ଅନୁରୂପ ବ୍ୟବସ୍ଥା ହେବ। ବାହାରୁ ଆସୁଥିବା ଭକ୍ତଙ୍କ ପାଇଁ ସମଙ୍ଗଠାରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ରୁଟ୍‌ଚାର୍ଟ ଲଗାଯିବ। ଜଗନ୍ନାଥବଲ୍ଲଭଠାରେ ଯାନବାହନଗୁଡ଼ିକ ଭକ୍ତଙ୍କୁ ଛାଡ଼ି ସମଙ୍ଗଠାରେ ରହିବେ। ସେଠାରେ ୧୨୦ଟି ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବ। ସର୍ବସାଧାରଣଙ୍କ ଗାଡ଼ି ମାଳତୀପାଟପୁର ଷ୍ଟାଣ୍ଡରେ ରହିବ। ସମଙ୍ଗଠାରୁ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପାଣି ସିଞ୍ଚନ, ପାନୀୟଜଳ ଓ ବିଶ୍ରାମ ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ପାଖରେ ହାତପାଦ ପ୍ରକ୍ଷାଳନ ପାଇଁ ଅସ୍ଥାୟୀ ଫ୍ଲସ୍ ବେସିନ ରହିବ। ଓଡ଼ିଶା ରାଜ୍ୟ ସେତୁ ନିର୍ମାଣ ନିଗମ ଦ୍ୱାରା ନିର୍ମିତ ସବୁ ପାର୍କିଂସ୍ଥଳ ୮ ତାରିଖ ସୁଦ୍ଧା ପୋଲିସକୁ ହସ୍ତାନ୍ତର କରାଯିବ। ମନ୍ଦିର ନିକଟରେ ଥିବା ୨୦ଟି ମଠକୁ ଦୈନିକ ୨କେଭିର ଡିଜି ସେଟ୍ ଯୋଗାଇ ଦିଆଯିବ। ଶ୍ରୀମନ୍ଦିର ପାଖରେ ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଶ୍ରୀସେତୁରେ ସ୍ୱାଗତ ତୋରଣ ନିର୍ମାଣ କରାଯିବ। ସହରର ବିଭିନ୍ନ ସ୍ଥାନରେ ଯାନବାହନ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ପରିକ୍ରମା ପ୍ରକଳ୍ପ ଆଗରେ ମଣ୍ଡପ ନିର୍ମାଣ, ଜଗନ୍ନାଥବଲ୍ଲଭ ପାଖରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ ଏବଂ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ରାଜ୍ୟର ବିଭିନ୍ନ ପଞ୍ଚାୟତରୁ ମହାପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ଚାଉଳ ସଂଗ୍ରହ କରାଯିବ ଓ ସେସବୁର ଭଣ୍ଡାରଣ ପାଇଁ ମନ୍ଦିର କର୍ତ୍ତୃପକ୍ଷ ବନ୍ଦୋବସ୍ତ କରିବେ। ସାତଟି ସୁସଜ୍ଜିତ ରଥ ସହିତ ସଂକୀର୍ତ୍ତନ ମଣ୍ଡଳୀ ବଡ଼ଦାଣ୍ଡ ପରିକ୍ରମା କରିବେ। ସେହିପରି ଜରୁରିକାଳୀନ ଚିକିତ୍ସା ସେବା ଓ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ। ପ୍ରକଳ୍ପ ଲୋକାର୍ପଣ ପରେ ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ଗୁଆ, ନଡ଼ିଆ ପ୍ରଦାନ ସହ ଦର୍ଶନ କରିବେ। ସେଥିଲାଗି ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସକ ଏବଂ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।
- କଳିଙ୍ଗାୟମ୍ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ୫ମ କଳିଙ୍ଗୱାନ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।
- ୧୭ତମ ଏସୀୟ ଜ୍ୟୋତିଷ ସମ୍ମିଳନୀ, ଇନ୍‌ଷ୍ଟିଚ୍ୟୁଏଶନ ଅଫ ଇଞ୍ଜିନିୟର୍ସ ସଭାକକ୍ଷ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅନ୍ତଃ–ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ, ସଂସ୍କୃତି ବିହାର, ଅପରାହ୍ନ ୩ଟା।
- ସିନ୍ଧୁଜାର ଦ୍ୱାଦଶ ବାର୍ଷିକ ଉତ୍ସବ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦।

**ପୁରୀ**
- ସମତା ସାହିତ୍ୟର ବାର୍ଷିକ ଉତ୍ସବ, ଡେଲଟା ମଙ୍ଗଳା ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଯୋଗମାୟା ଭଲିବଲ୍ ଟୁର୍ନାମେଣ୍ଟ, ସକାଳ ୮ଟା ୩୦।

**କଟକ**
- ଡା. ମହାମାୟା ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ, ବସୁନ୍ଧରା, ବିଡ଼ାନାସୀ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୫ତମ କଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, କଳାବିକାଶ କେନ୍ଦ୍ର, ଅପରାହ୍ନ ୫ଟା।



କଳିଙ୍ଗାୟାନ୍ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ଭୁବନେଶ୍ୱର ଉତ୍କଳ ରଙ୍ଗମଞ୍ଚରେ ଶୁକ୍ରବାର ଉଦ୍‌ଘାଟିତ '୫ମ କଳିଙ୍ଗୱାନ'ରେ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ।

## ଫାର୍ମ ହାଉସ୍‌ରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ, ୫।୧ (ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗାଁ ନିକଟ ହନୁମାନ ମନ୍ଦିର ପାଖ ଏକ ଫାର୍ମ ହାଉସ୍‌ରୁ ପୋଲିସ ଶୁକ୍ରବାର ଜବତ କରିଛି। ମୃତକ ହେଲେ ସୌମ୍ୟରଞ୍ଜନ ସେଠ (୩୮)। ଏନେଇ ପୋଲିସ ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୌମ୍ୟ ସକାଳୁ ହନୁମାନ ମନ୍ଦିର ପାଖ ତାଙ୍କର ଫାର୍ମ ହାଉସ ପରିସରରେ ଥିବା ଏକ ଗଛ ପାଖରେ ବାଇକ୍ ରଖି ବେକରେ ରଶି ଲଗାଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହାପରେ ସେମାନେ ଯୁବକଙ୍କ ପରିବାର ଲୋକ ଏବଂ ପୋଲିସକୁ ଏ ବାବଦରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୌମ୍ୟ ଏକ ବିସ୍କୁଟ କମ୍ପାନୀର ବିତରକ ଥିଲେ। ବ୍ୟବସାୟରେ କ୍ଷତି ଘଟିବାରୁ ସେ ଆଣିଥିବା ଋଣ ଶୁଝିପାରୁ ନ ଥିଲେ। ଏହାକୁ ନେଇ ପାରିବାରିକ ଅଶାନ୍ତି ଲାଗି ରହିଥିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି।

## ରାଜ୍ୟ ସରକାରଙ୍କୁ ଜବାବ ତଲବ

### ବୋର୍ଡ ହାଇସ୍କୁଲ୍ ରାଜ୍ୟ ସରକାରଙ୍କ ଅଧୀନକୁ ଯିବା ବିରୋଧରେ ମାମଲା

କଟକ, ୫।୧ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ କଟକ ବଜ୍ରକବାଟି ରୋଡ୍‌ସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲ୍ ରାଜ୍ୟ ସରକାରଙ୍କ ଅଧୀନକୁ ଯିବା ବିରୋଧରେ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ଜବାବ ତଲବ କରି ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ବିରୋଧରେ ଆଗତ ମାମଲାରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଏକମାତ୍ର ସ୍କୁଲ ଭାବେ ସେକେଣ୍ଡାରି ବୋର୍ଡ ହାଇସ୍କୁଲ ପ୍ରତିଷ୍ଠା ଦିନରୁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହୋଇଆସୁଛି। ରାଜ୍ୟ ସରକାର ଏହି ସ୍କୁଲ୍‌କୁ ନିଜ ଅଧୀନକୁ ନେବା ପାଇଁ ନିକଟରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତିକୁ ବିରୋଧ କରି ସୁଯୋଗ୍ୟ ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ରାଜ୍ୟ ସରକାର ବୋର୍ଡ ହାଇସ୍କୁଲ୍‌କୁ ନିଜ ଅଧୀନକୁ ନେଇପାରିବେ ନାହିଁ। ଏହାଦ୍ୱାରା ଓଡ଼ିଶା ସେକେଣ୍ଡାରୀ ଏଜୁକେଶନ୍ ଆଇନକୁ ବିରୋଧ କରୁଛି ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି।

## ଆକର୍ଷଣ ସାଜିଛି ୧୫୦୦ରୁ ଊର୍ଦ୍ଧ୍ୱ ପ୍ରଜାତି ଗୋଲାପ

### ସର୍ବଭାରତୀୟ ଗୋଲାପ ପ୍ରଦର୍ଶନୀ, ସମ୍ମିଳନୀ ଉଦ୍‌ଘାଟିତ

### ୪ ନୂଆ ପ୍ରଜାତି ଜଗନ୍ନାଥ, ଲିଙ୍ଗରାଜ, ଶେଫାଳୀ ଓ ରାଧା ଗୋଲାପ ଲୋକାର୍ପିତ

ଭୁବନେଶ୍ୱର, ୫।୧ (ଅସମାପିକା ସାହୁ)

୪୦ତମ ସର୍ବଭାରତୀୟ ଗୋଲାପ ସମ୍ମିଳନୀ ଓ ଗୋଲାପ ପ୍ରଦର୍ଶନୀ ଶୁକ୍ରବାର କିଟ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ୧୮ବର୍ଷ ପରେ ଓଡ଼ିଶାରେ ଆୟୋଜିତ ଏହି ମେଗା କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଲାପ ସୁନ୍ଦର ଓ ଭଲ ପାଇବାର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ କହିଲେ, ଫୁଲ ସମସ୍ତଙ୍କ ମନ ମୋହିଥାଏ। ମନରେ ଦୁଃଖ ଆସିଲେ ଫୁଲ ବଗିଚାରେ ବୁଲି ଆସିଲେ ଶାନ୍ତି ମିଳିଥାଏ ବୋଲି ସେ କହିଥିଲେ। ଆୟୋଜନ କମିଟିର କାର୍ଯ୍ୟକାରୀ ସଭାପତି ଡ. ସୁଦର୍ଶନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ରୋଜ୍ ଫେଡେରେଶନର ସଭାପତି ସଂଯୋଗିତା ଧନୱାତେ, ଉପସଭାପତି ଡ. ଏନ୍. କେ. ଡଲ୍ଲନି, ଆୟୋଜନ କମିଟି ସମ୍ପାଦକ ହେମନ୍ତ କୁମାର ପଲ୍, ଉପସଭାପତି ବି. ଏନ୍. ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ଓଡ଼ିଶାରୁ ନାଲ୍‌କୋ, ଟାଟା, ପାୱାରଗ୍ରୀଡ୍, ଜିନ୍ଦଲ, ଆଦାନୀ, ରିଲାଏନ୍ସ ଆଦି କମ୍ପାନୀ ସମେତ ସମଗ୍ର ଦେଶରୁ କୃଷି ବୈଜ୍ଞାନିକ, ନର୍ସରୀମ୍ୟାନ, କୃଷକ ଏବଂ ଉଦ୍ୟୋଗୀଙ୍କୁ ମିଶାଇ ମୋଟ ୨୫୦ ପ୍ରତିନିଧି ଯୋଗଦେଇଛନ୍ତି। ଏହି ପ୍ରଦର୍ଶନୀରେ ୧୫ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ଗୋଲାପ ଫୁଲ ଆକର୍ଷଣ ସାଜିଥିବାବେଳେ ଲର୍ଡ ଜଗନ୍ନାଥ, ଲର୍ଡ ଲିଙ୍ଗରାଜ, ଶେଫାଳୀ ଓ ରାଧା ନାମରେ ୪ଟି ନୂତନ ପ୍ରଜାତିର ଗୋଲାପକୁ ମୁଖ୍ୟ ଅତିଥି ଲୋକାର୍ପଣ କରିଥିଲେ। ଏଥିସହ 'ରୋଜ୍ ସୋଭେନ୍ୟୁର' ଏବଂ ଓଡ଼ିଶା ଉଦ୍ୟାନ କୃଷି ସୋସାଇଟିର ସାଇଣ୍ଟିଫିକ୍ ଜର୍ନାଲ 'ରୋଜ ଆନୁଆଲ୍' ଉନ୍ମୋଚିତ ହୋଇଥିଲା। କିଟ୍ ଗୋଲାପ ସୋସାଇଟି, ଓଡ଼ିଶା ଗୋଲାପ ସୋସାଇଟି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଉଦ୍ୟାନ କୃଷି ସୋସାଇଟି ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ସମ୍ମିଳନୀ ଓ ପୁଷ୍ପ ପ୍ରଦର୍ଶନୀ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ ଓ ୭ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ 'ଗୋଲାପ ପ୍ରଦର୍ଶନୀ' ଖୋଲା ରହିବ।



ଅତିଥିମାନେ 'ରୋଜ୍ ସୋଭେନ୍ୟୁର'କୁ ଉନ୍ମୋଚନ କରୁଛନ୍ତି।







## ବିଲ୍ଡିଂ ବିକ୍ରି ନାଁରେ ୫୦.୪୦ ଲକ୍ଷ ଠକେଇ, ଜଣେ ଗିରଫ

**ଭୁବନେଶ୍ୱର, ୫।୧ (ସୂର୍ଯ୍ୟକାନ୍ତ ବେହେରା):** ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରରେ ଥିବା ଏକ ବିଲ୍ଡିଂ ବିକ୍ରି କରିବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୫୦.୪୦ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଜଣେ ରିୟଲ ଇଷ୍ଟେଟ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ୍–୪ ଅଞ୍ଚଳର ଅଜୟ କୁମାର ଚୌଧୁରୀ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅଜୟ ଅଭିଯୋଗକାରୀଙ୍କୁ ଟଙ୍କା ଫେରାଇବା ବଦଳରେ ଗାଳିଗୁଲଜ ଓ ହତ୍ୟା ଧମକ ଦେଇଥିଲେ। ଅପରପକ୍ଷେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ବଡଗଡ, ନୟାପଲ୍ଲୀ, ଶହୀଦନଗର ଓ ଖାରବେଳନଗର ଥାନାରେ ୭ଟି ଠକେଇ ମାମଲା ରହିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭ୍ରାଂଶୁ



@ ବିକାଶ



@ ଶଙ୍କର





@ ସୂର୍ଯ୍ୟନାରାୟଣ



@ ଜ୍ଞାନରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆକ୍ରାନ୍ତଙ୍କ ସଂଖ୍ୟା ୨୦ରେ ପହଞ୍ଚିଲା

### ବିଷ୍ଣୁପୁର ଗ୍ରାମରେ ଝାଡ଼ାବାନ୍ତି

### ଡାକ୍ତରୀ ଟିମ୍‌ର ଗ୍ରାମ ପରିକ୍ରମା

ଟିଗିରିଆ, ୫।୧ (ଜାଫର ଖାଁ)

କଟକ ଜିଲା ଟିଗିରିଆ ବ୍ଲକ ହାଟମାଳ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମର ବଳଭଦ୍ରପୁରରେ ୩ ଦିନ ହେବ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ଖବରପାଇ କଟକ ବଡ଼ ଡାକ୍ତରଖାନାର ଏକ ୬ ଜଣିଆ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ମନୋରଞ୍ଜନ ପଣ୍ଡା, ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ବାରିକ, ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ହାଟମାଳ ପଞ୍ଚାୟତର ୧୩ ନଂ ୱାର୍ଡ ବଳଭଦ୍ରପୁରର ଏକ ସରକାରୀ କୂଅ ପାଣିକୁ ବିଷ୍ଣୁପୁର ଗ୍ରାମର କେତୋଟି ପରିବାର ବ୍ୟବହାର କରନ୍ତି। କୂଅ ସଂଲଗ୍ନରେ ଥିବା ପାଇଖାନା ଟାଙ୍କି ଓ ଗାଧୁଆ ପାଣି ଏଠାରେ ମିଶି ଜଳ ଦୂଷିତ ହେଉଥିବାରୁ ଝାଡ଼ାବାନ୍ତି ବ୍ୟାପି ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ପିଙ୍କି ସ୍ୱାଇଁ (୨୮) କଟକ ବଡ଼ଖାନାରେ ଓ ଆଠଗଡ ଉପଖଣ୍ଡ ଡାକ୍ତରଖାନାରେ ୭ ଓ ଅନ୍ୟ ୧୧ ଜଣ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ସର୍ଜନୀ ଗଣ୍ଡିଆ (୬୦) ଏଥିରେ ଆକ୍ରାନ୍ତ ହୋଇ ବିନ୍ଧାଣିମା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଘରେ ଅଛନ୍ତି। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ବିନ୍ଧାଣିମା ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ କୁହାଯାଇଛି।

